## ସଂକ୍ଷେପରେ

### ଟ୍ରାକ୍ଟର ମାଲିକ ସଂଘ ଗଠିତ

ଗୁଣପୁର,୨୬।୯(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଓ ଗଜପତି ଜିଲାର ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ବୁଧବାର ଗୁଣପୁରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିପିଆଇ (ଏମ୍ଏଲ୍) ଲିବରେଶନ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ ଓ ଅନାସିମ ଶବର, ବୃନ୍ଦାବନ ବିଡିକା, କରୁଣାକର ଲିମା ଉପସ୍ଥିତ ଥିଲେ। ବୈଠକରେ ସମସ୍ତଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ଟ୍ରାକ୍ଟର ମାଲିକ ସଂଘ ନାମ 'ଗ୍ରାମୀଣ ମୁକ୍ତି ଟ୍ରାକ୍ଟର ମାଲିକ ସଂଘ' ନାମରେ ନାମିତ କରାଯାଇ ନୂତନ ସଂଘ ଗଠିତ ହେଇଥିଲା । ଗାଇଗାଇ ଦଳବେହେରାଙ୍କୁ ସଭାପତି, ୟୁବଲିସ ରଇତ ଉପ ସଭାପତି, ମାରକସ ଦଳବେହେରା ସମ୍ପାଦକ, ଜୀବନ୍ତ ଦଳବେହେରା ସହ ସମ୍ପାଦକ, ଗାଗାନା ଶବର କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସୁପ୍ରିଏମ କାର୍ଯୀ, ଯାକୁବ ରଇତ, ଅନାସିମ ଶବର, ଆନୁଆର ଶବର, ଅବିନାଶ ଶବର, ଶିଲିକା ଗମାଙ୍ଗ, ଲିବିୟ ଗମାଙ୍ଗ, ଆମନ ଗମାଙ୍ଗ, ଯିଚିସିୟ ଭୂୟାଁ, ସାନସି ଗମାଙ୍ଗ, ଜୁସନନ୍ତ୍ର ଶବରଙ୍କୁ ନେଇ ଏକ କମିଟି ଗଠନ ହେଇଥିଲା। ଉକ୍ତ ବୈଠକରେ ଟ୍ରାକ୍ଟର ମାଲିକଙ୍କ ବିଭିନ୍ନ ସମସ୍ୟା ନେଇ ତହସିଲଦାର ଓ ଉପଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

### ବିଶ୍ୱ ଫାର୍ମାସିଷ୍ଟ ଦିବସ

ଗୁଣପୁର,୨୬।୯(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରସ୍ଥିତ ଗାୟତ୍ରୀ ଫାର୍ମାସି ମହାବିଦ୍ୟାଳୟରେ ବୁଧବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି । 'ଦୁନିଆରେ ସମସ୍ତଙ୍କ ଜୀବନରେ ସ୍ୱାସ୍ଥ୍ୟରେ ସମାନତା ଆଣିବା' ବିଷୟକୁ ନେଇ ଫାର୍ମାସୀ ଦିବସର ମୁଖ୍ୟ ଆଲୋଚନାର ବିଷୟବସ୍ତୁ ଥିଲା। ଅନୁଷ୍ଠାନର ପ୍ରିନ୍ସିପାଲ ଡ. କାହ୍ନୁଚରଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଖଣ୍ଡ ଚିକିତ୍ସାଳୟର ଫାର୍ମାସିଷ୍ଟ ସନ୍ତୋଷ ପତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ବୈଠକରେ ପ୍ରିନ୍ସିପାଲ ଡା. ପାଣିଗ୍ରାହୀ, ପ୍ରାଧ୍ୟାପକ ଜଗଦୀଶ ଖୁଣ୍ଟିଆ, ପ୍ରାଧ୍ୟାପିକା ପ୍ରିୟଙ୍କା ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଫାର୍ମାସିଷ୍ଟଙ୍କ କାର୍ଯ୍ୟ ଓ ସମାଜ ପାଇଁ ସେମାନଙ୍କ ଅବଦାନ ବିଷୟରେ ପ୍ରିନ୍ସିପାଲ ଛାତ୍ରୀଛାତ୍ରଙ୍କୁ ନିଜ ଅଭିଭାଷଣରେ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ଦାସ ଓ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ସାହୁ ଲୋକଙ୍କ ସେବାକ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ ।

### ରାୟଗଡ଼ା କଲେଜରେ ରକ୍ତଦାନ ଶିବିର

ରାୟଗଡ଼ା,୨୬।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମ୍ମିଳନୀ କକ୍ଷରେ ଯୁବ ରେଡ୍‌କ୍ରସ୍ ଏବଂ ଏନ୍‌ଏସ୍‌ଏସ୍ ତରଫରୁ ବୁଧବାର ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରକ୍ତକେନ୍ଦ୍ର ଅଧିକାରୀ ଡା. ଗୌତମ ପଟ୍ଟନାୟକ ଓ ତାଙ୍କର ସହକର୍ମୀ ଯୋଗଦାନ କରି ରକ୍ତ ସଂଗ୍ରହ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବବିଲତା ସରାଫ କାର୍ଯ୍ୟକ୍ରମ ଶୁଭାରମ୍ଭକରି ରକ୍ତଦାନ ପାଇଁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ ଅଧ୍ୟାପକ ଏ.ଶ୍ରୀନିବାସ, ଡ.ଭଗବାନ ବିଶ୍ୱାଳ, ଯୁବ ରେଡ୍‌କ୍ରସ୍ ଜିଲା ସଂଯୋଜକ ସଚିବ ପ୍ରଶାନ୍ତ କୁମାର ସାହୁ, କାଉନସିଲର ତୃପ୍ତିମୟୀ ଭୋଇ, ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଏ.ଭି.ବି ଗୁପ୍ତା, ମୋନାଲିସା ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।

# ୩ ବର୍ଷ ବିତିଲା, ସରୁନି ମେଗା ଜଳ ଯୋଗାଣ ପ୍ରକଳ୍ପ

ରାୟଗଡ଼ା,୨୬।୯(ଆଶିଷ ରଞ୍ଜନ ପଣ୍ଡା)


ମେଗା ଜଳ ଯୋଗାଣ ପ୍ରକଳ୍ପ ପାଇଁ ରହିଥିବା ପାଇପ୍।

ରାୟଗଡ଼ା ଜିଲା ଗଠନ ହେବାର ୩୨ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ବି ବିଶୁଦ୍ଧ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି କାଶୀପୁର ବ୍ଲକ୍ ବାସିନ୍ଦା । ଫଳରେ ଲୋକେ ବାଧ୍ୟହୋଇ ନାଳ, ପୋଖରୀ, ଚୁଆର ଦୂଷିତ ଜଳ ବ୍ୟବହାରକରି ବିଭିନ୍ନ ରୋଗର ଶିକାର ହେଉଥିବା ଅଭିଯୋଗ ହୋଇଛି। ୩ ବର୍ଷ ପୂର୍ବେ କାଶୀପୁର ବ୍ଲକର ୨୪ଟି ପଞ୍ଚାୟତ ଅଧୀନ ୪୨୫ ଗ୍ରାମକୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା । ଏଥିସହ ରାୟଗଡ଼ା ବ୍ଲକର ୪ ପଞ୍ଚାୟତର ୪୯ ଗ୍ରାମକୁ ଜଳ ଯୋଗାଣ ହେବା ନେଇ ଘୋଷଣା ହୋଇଥିଲା। ୨୯୮ କୋଟି ୬୯ ଲକ୍ଷ ୭୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ମେଗା ଜଳଯୋଗାଣ ପ୍ରକଳ୍ପକୁ ଅନୁମୋଦନ ମିଳିଥିଲା । ଏହାସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଅଧିକ ୪୦ କୋଟି ଟଙ୍କା ଖର୍ଚ୍ଚ ଅନୁମୋଦନ ହୋଇଥିଲା । ତେବେ ୨୩ ମାସରେ ଶେଷ ହେବାକୁ ଥିବା ବୃହତ୍ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ଅବଧି ଶେଷ ହେବାର ୧୧ ମାସ ବିତିଗଲାଣି, ହେଲେ ନିର୍ମାଣ ଏଯାବତ୍ ସମ୍ପୂର୍ଣ୍ଣ ହୋଇନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା ଇନ୍ଦ୍ରାବତୀ ନଦୀରୁ ଜଳ ଉଠାଇ ପାଇପ ମାଧ୍ୟମରେ କାଶୀପୁର ବ୍ଲକର ୯୦ ପ୍ରତିଶତ ଗ୍ରାମକୁ ଜଳଯୋଗାଣ ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ଆରମ୍ଭ ହୋଇଛି। ତେଣୁ ୨୦୨୧ ଅଗଷ୍ଟରେ ପ୍ରକଳ୍ପର ଡିପିଆର୍ ପ୍ରସ୍ତୁତ କରି ସରକାରଙ୍କୁ ଅନୁମୋଦନ ପାଇଁ ପଠାଯାଇଥିଲା। ପରେ ଅନୁମୋଦନ ସହ କ୍ୟାବିନେଟ ମଞ୍ଜୁରୀ ମଧ୍ୟ ପ୍ରଦାନ କରିଥିଲେ। ଏହାପରେ ଟେଣ୍ଡର କରାଯାଇ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଠିକାଦାରଙ୍କ ସହ ଚୁକ୍ତି ମଧ୍ୟ ହୋଇଥିଲା। ୨୦୨୩ ନଭେମ୍ବରରେ ପ୍ରକଳ୍ପ କାମ ଶେଷ ହେବା କଥା। ହେଲେ ଏପର୍ଯ୍ୟନ୍ତ ଡଙ୍ଗାସିଲଠାରେ ମୂଳ ଟାଙ୍କି ନିର୍ମାଣ ଆରମ୍ଭ ହୋଇନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀ ଏହି ପ୍ରକଳ୍ପ ଶେଷ ହେବା ପରେ ବିଶୁଦ୍ଧ ପାନୀୟ ଜଳ ମିଳିବା ଅପେକ୍ଷାରେ ରହିଥିବା ବେଳେ ବର୍ତ୍ତମାନ ତାହା ସ୍ୱପ୍ନରେ ରହିଯାଇଛି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଗୋପାଳ ନାୟକ କହିଛନ୍ତି, ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହାର ଅବଧି ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କାର୍ଯ୍ୟ ଶେଷ ପରେ ଜଳ ଯୋଗାଣ ବ୍ୟବସ୍ଥା ହୋଇପାରିବ ବୋଲି ସେ କହିଛନ୍ତି ।

**ଦୂଷିତ ଜଳ ବ୍ୟବହାରକରି ଲୋକେ ବିଭିନ୍ନ ରୋଗର ଶିକାର**

# ବିଦ୍ୟୁତ୍ ଆଘାତରେ ଜଣେ ମୃତ, ୩ ଆହତ

ରାୟଗଡ଼ା,୨୬।୯ (ଆଶିଷ ରଞ୍ଜନ ପଣ୍ଡା)


ଡାକ୍ତର ଆହତ ଲକ୍ଷ୍ମଣଙ୍କ ଚିକିତ୍ସା କରୁଛନ୍ତି।

ରାୟଗଡ଼ା ସହର ରୟତ କଲୋନି ୧୦ନଂ. ଲେନ୍‌ରେ ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ରାୟଗଡ଼ା ସହରର ଆମ୍ବଗୁଡ଼ାର ଦୁଃଶାସନ ଖରା(୩୫) । ଆହତ ୩ ଜଣ ହେଲେ ବିନୋଦ ନାଗ (୩୫), ଲକ୍ଷ୍ମଣ କନ୍ଧପାଣି(୩୩) ଓ ଦାମୋଦର ଗାଣ୍ଟା(୨୬) ।

ରୟତ କଲୋନି ୧୦ ନଂ. ଲେନ୍‌ରେ ଘର ନିର୍ମାଣ ଚାଲିଛି। ଘରର ରଙ୍ଗ କରିବା ପାଇଁ ଉକ୍ତ ୪ ଯୁବକ ବାଉଁଶ ପରଞ୍ଜା ବାନ୍ଧି କାନ୍ଥରେ ଚୂନ ଓ ରଙ୍ଗ ଦେଉଥିଲେ। ତେବେ ସେହି ସମୟରେ ହଠାତ୍ କାନ୍ଥରେ ବିଦ୍ୟୁତ୍ ପ୍ରବାହ ହେବାରୁ ୩ ଜଣଙ୍କୁ ଜୋରରେ ଝଟକା ଲାଗିଥିଲା। ଫଳରେ ଘଟଣାସ୍ଥଳରେ ଦୁଃଶାସନଙ୍କ ମୃତ୍ୟୁ ହୋଇଛି। ଗୁରୁତର ଅବସ୍ଥାରେ ବିନୋଦ ଓ ଲକ୍ଷ୍ମଣଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟ ଜଣେ ଦାମୋଦର ସାମାନ୍ୟ ଆହତ ହୋଇଛନ୍ତି। ଦୁଃଶାସନଙ୍କ ମୃତ୍ୟୁ ପରେ ଏବେ ତାଙ୍କ ପରିବାର ଭରଣପୋଷଣ କିଭଳି ହେବ ସେ ନେଇ ଚିନ୍ତାରେ ପରିବାରବର୍ଗ । ଏ ନେଇ ରାୟଗଡ଼ା ଟାଉନ ଥାନାରେ କେସ୍ ନଂ ୩୨୦ରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି ।

# ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସ୍ପାର୍କ-୨୦୨୪



ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ରାୟଗଡ଼ା,୨୬/୯(ଆଶିଷ ରଞ୍ଜନ ପଣ୍ଡା)

ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମୂହ ପକ୍ଷରୁ ରାୟଗଡ଼ା ଜିଲାରେ ପ୍ରତିଷ୍ଠା ଦିବସ ସ୍ପାର୍କ-୨୦୨୪ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର ମୁଖ୍ୟ ଅତିଥି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋଲନରା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତଥା ନୋଡ଼ାଲ ପ୍ରିନ୍ସିପାଲ ମୁରାରୀ ପ୍ରସାଦ ସାହୁ ଏବଂ ତାଡ଼ମାସ୍ଥିତ ଆଦର୍ଶ ବିଦ୍ୟାଳୟ ଉପାଧ୍ୟକ୍ଷ କ୍ଷୀରେଶ୍ୱର ପ୍ରଧାନ ପରିଚାଳନା କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଜିଲାର ବିଭିନ୍ନ ଆଦର୍ଶ ବିଦ୍ୟାଳୟର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ସିନିୟର ବିଭାଗରେ ୧୧ ଓ ଜୁନିୟର ବିଭାଗର ୧୧ଟି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।

# ପ୍ରସବ ପାଇଁ ଆସିଥିବା ମା', ଶିଶୁ ମୃତ

ଗୁଣୁପୁର, ୨୬।୯( ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ପ୍ରସବ ପାଇଁ ଆସିଥିବା ମା' ସହ ଶିଶୁର ମୃତ୍ୟୁକୁ ନେଇ ମେଡିକାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତେବେ ମା'ଶିଶୁଙ୍କ ମୃତ୍ୟୁକୁ ନେଇ ପରିବାର ସହଜରେ ଗ୍ରହଣ କରିପାରିନାହାନ୍ତି । ଗୁଣପୁର ସହରର ନିଳାଦ୍ରି ବିହାର ଅଞ୍ଚଳର ଜଣେ ଗର୍ଭବତୀଙ୍କ ପେଟରେ ଯନ୍ତ୍ରଣା ହେବାରୁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ସକାଳ ୭ ଟା ୩୦ରେ ଯାଇଥିଲେ। ଡାକ୍ତର ତାଙ୍କ ଅବସ୍ଥା ଦେଖି ତୁରନ୍ତ ଅଲ୍ଟ୍ରାସାଉଣ୍ଡ କରିବା ପାଇଁ ପରାମର୍ଶ ଦେଇଥିଲେ। ଅଲ୍ଟ୍ରାସାଉଣ୍ଡ କରିବା ସମୟରେ ଗର୍ଭବତୀଙ୍କ ମୃତ୍ୟୁହେବା ସହ ଗର୍ଭରେ ଥିବା ଛୁଆର ମଧ୍ୟ ମୃତ୍ୟୁ ହୋଇଛି । ଘଟଣା ସମ୍ପର୍କରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା ରମେଶ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ ମହିଳା ଜଣଙ୍କ ପ୍ରସବ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ । ତାଙ୍କ ପ୍ରସବ ପାଇଁ ପ୍ରସ୍ତୁତି କରାଯିବା ସମୟରେ ମା ଓ ଶିଶୁର ଜୀବନ ଚାଲି ଯାଇଥିବା କହିଛନ୍ତି ।

# ନର୍ସିଂ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ


ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନର୍ସିଂ କର୍ମଚାରୀଙ୍କ ବିକ୍ଷୋଭ।

ରାୟଗଡ଼ା,୨୬।୯(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟର ବିଭିନ୍ନ ହସ୍ପିଟାଲରେ କାର୍ଯ୍ୟରତ ନର୍ସିଂ କର୍ମଚାରୀଙ୍କ ୧୦ଦଫା ଦାବିରେ ଆରମ୍ଭ ହୋଇଛି ଆନ୍ଦୋଳନ। ନର୍ସିଂ କର୍ମଚାରୀମାନେ ରୋଗୀ ସେବା କାର୍ଯ୍ୟ ବାତିଲ କରିଛନ୍ତି। ଗୁରୁବାର ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୧୦ ଦଫା ଦାବି ପୂରଣ ପାଇଁ ନର୍ସିଂ କର୍ମଚାରୀ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସ୍ଥାୟୀ ନିଯୁକ୍ତି, ଡ୍ରେସ୍ କୋଡ୍ ପରିବର୍ତ୍ତନ, ଠିକ୍ ସମୟରେ ପଦୋନ୍ନତି ଆଦି ଦାବି ନେଇ ପୂର୍ବରୁ ସରକାରଙ୍କୁ ଅବଗତ କରାଯାଇଥିଲା। କିନ୍ତୁ ଏହାର କୌଣସି ସୁଫଳ ନ ମିଳିବାରୁ ବୁଧବାରଠାରୁ ସାରା ରାଜ୍ୟରେ ସାମୟିକ କ୍ଷେତ୍ରରେ ନର୍ସିଂ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ନ ହେଲେ ଶୁକ୍ରବାରଠାରୁ କାର୍ଯ୍ୟ ବନ୍ଦ ପାଇଁ ଓଡିଶା ନର୍ସିଂ କର୍ମଚାରୀ ସଂଘ ଡାକରା ଦେଇଛି। ନର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ଜିଲାର ବିଭିନ୍ନ ମେଡିକାଲରେ ରୋଗୀସେବା ଉପରେ ପ୍ରଭାବ ପଡ଼ିଥିବା ଦେଖିବାକୁ ମିଳିଛି ।

# ଯକ୍ଷ୍ମା ଟିକାକରଣ ଆରମ୍ଭ

ବିଷମ କଟକ/ ଜେକେପୁର, ୨୬।୯
(ପ୍ରସନ୍ନ କୁମାର ପଣ୍ଡା/ ରାଜେଶ ବିଶ୍ୱାଳ)

ରାୟଗଡା ଜିଲା ବିଷମ କଟକ ବ୍ଲକରେ ଯକ୍ଷ୍ମା ନିରାକରଣ (ବିସିଜି) ଟିକାକରଣ ଶୁଭାରମ୍ଭ ହୋଇଛି। ବ୍ଲକ ଅଧୀନରେ ଥିବା ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆରୋଗ୍ୟ କେନ୍ଦ୍ରରେ ଟିକାକରଣର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଗୁରୁବାରଠାରୁ ବିସିଜି ଟିକାକରଣ ନିମନ୍ତେ ସଚେତନା ରଥ ଗଡିବା ସହ ଟିକାକରଣ ଆରମ୍ଭ ହୋଇଛି। ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହରିହର ବଳଦେବ ଟୁଡୁ ସବୁଜ ପତକା ଦେଖାଇ ସଚେତନା ରଥର ଶୁଭାରମ୍ଭ କରିଥିଲେ। ବିଷମ କଟକ ଗୋଷ୍ଠି ଉନ୍ନୟନ ଅଧିକାରୀ ସଦାଶିବ ନାୟକ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିସିଜି ଟିକା ନେଇଥିଲେ। ବ୍ଲକରେ ୧୨ହଜାର ହିତାଧିକାରୀଙ୍କୁ ବିସିଜି ଟିକାକରଣ କରିବା ଲକ୍ଷ୍ୟ ଥିବା ବିଡିଓ ନାୟକ ସୂଚନା ଦେଇଥିଲେ। ସଚେତନ ରଥ ଆସନ୍ତା ୩୦ ପର୍ଯ୍ୟନ୍ତ ବ୍ଲକରେ ଥିବା ୨୧ଗୋଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଲି ଲୋକଙ୍କୁ ଟିକାକରଣ ବିଷୟରେ ସଚେତନା ବାର୍ତ୍ତା ପହଞ୍ଚାଇବ। ପ୍ରଥମ ଦିନରେ ବରିଷ୍ଠ ନାଗରିକଙ୍କୁ ଟିକା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ଅଧିକାରୀ ଜ୍ୟୋତ୍ସ୍ନା ମହାରଣା ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।


ବିଷମ କଟକ ବିଡିଓ ସଦାଶିବ ନାୟକଙ୍କୁ ଟିକା ଦିଆଯାଉଛି।

ସେହିପରି ରାୟଗଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ବୟସ୍କ ଏବଂ ପୂର୍ବରୁ ଟିବି ରୋଗାକ୍ରାନ୍ତ ବା ତାଙ୍କ ସମ୍ପର୍କରେ ଆସିଥିବା ବ୍ୟକ୍ତିଙ୍କୁ ଯକ୍ଷ୍ମା ନିରାକରଣ ଟିକା ଦିଆଯାଇଛି। ବ୍ଲକ୍ କମ୍ପ ମାଲିଗାଁ, କୋଟାପେଟା, କୁମୁଟିପେଣ୍ଡ, ପେଣ୍ଟା, ଚାନ୍ଦିଲି, କାର୍ଲାକନା ପଞ୍ଚାୟତ ଅଞ୍ଚଳରେ ପୂର୍ବ ନିର୍ଦ୍ଧାରିତ ବ୍ୟକ୍ତିବିଶେଷଙ୍କୁ ୯୦ ଭାଗରୁ ଊର୍ଦ୍ଧ୍ୱ ଲୋକ ଯକ୍ଷ୍ମା ନିରାକରଣ ଟୀକା ଗ୍ରହଣ କରିଛନ୍ତି।

# ପୋଷଣ ମାସ କାର୍ଯ୍ୟକ୍ରମ

ଗୁଡାରି,୨୬।୯ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକ୍ ମିଶନ ଶକ୍ତି ଭବନରେ ବ୍ଲକସ୍ତରୀୟ ପୋଷଣ ମାସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଗର୍ଭବତୀ ଓ ପ୍ରସବ ମହିଳାଙ୍କ ଖାଦ୍ୟ ସମ୍ପର୍କରେ ବିଭିନ୍ନ ସବୁଜ ପନିପରିବା ଓ ରନ୍ଧନ ଖାଦ୍ୟ ଷ୍ଟଲ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ନିଜ ଘର ବାଡିପଟେ କିପରି ସବୁଜ ପନିପରିବା ସହ ଡାଲି ଓ ତୈଳ ଜାତୀୟ ଗଛ ଲଗାଇ କମ୍ ଖର୍ଚ୍ଚରେ ପନିପରିବା ଉତ୍ପାଦନ କରିହେବ ସେ ନେଇ ଅଙ୍ଗନୱାଡି କର୍ମୀ ଉପସ୍ଥାପନା କରିଥିଲେ। ଏହାଛଡା ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର



ରୋକିବା ନେଇ ସଚେତନତା କରିବାକୁ ଅଧ୍ୟକ୍ଷା ଉପସ୍ଥିତ କର୍ମୀଙ୍କୁ କହିଥିଲେ। ସିଡିପିଓ ଅନୀତା ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିପିସି କ୍ରାନ୍ତି ପାଢ଼ୀ ପରିଚାଳନା କରିଥିଲେ। ବିପିଏମ ମାନସ ବାରିକ ଯୋଗଦେଇ ଷ୍ଟଲଗୁଡିକ ଦେଖିଥିଲେ। କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମୁନିଗୁଡ଼ା ପ୍ରଗତି ମଞ୍ଚ ପକ୍ଷରୁ ଦାବିପତ୍ର


ମୁନିଗୁଡା ପ୍ରଗତି ମଞ୍ଚ ସଦସ୍ୟ ଗଣଶିକ୍ଷା ସଚିବଙ୍କୁ ଦାବିପତ୍ର ଦେଉଛନ୍ତି।

ମୁନିଗୁଡା,୨୬।୯ (ନନ୍ଦ କିଶୋର ପଟ୍ଟନାୟକ)

ସ୍କୁଲ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ ବୁଧବାର ମୁନିଗୁଡା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଥିବା ସମୟରେ ମୁନିଗୁଡା ପ୍ରଗତି ମଞ୍ଚ ତରଫରୁ ତାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ମଞ୍ଚର ସଭାପତି ସିଏଚ୍.ଗଣେଶ୍ୱର ରାଓ ଓ ସମ୍ପାଦକ ସୀମାଞ୍ଚଳ ପଣ୍ଡାଙ୍କ ନେତୃତ୍ୱରେ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ମୁନିଗୁଡ଼ାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିଷମକଟକ, ମୁନିଗୁଡ଼ା ଓ ଚନ୍ଦ୍ରପୁର ବ୍ଲକ୍‌ର ରେଫେରାଲ ମେଡିକାଲ ଭାବେ କାର୍ଯ୍ୟ କରୁଛି । ଏହି ମେଡିକାଲ ଉପରେ ପଡ଼ୋଶୀ କନ୍ଧମାଳ ଓ କଳାହାଣ୍ଡି ଜିଲାର ଉପାନ୍ତ ଗ୍ରାମର ଲୋକେ ନିର୍ଭର କରିଥାନ୍ତି। ହେଲେ ମୁନିଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଗୁରୁତର ରୋଗୀଙ୍କୁ ରାୟଗଡା କିମ୍ବା ବ୍ରହ୍ମପୁର ପଠାଇ ଦିଆଯାଉଥିବା ଦେଖିବାକୁ ମିଳୁଛି। ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ, ଶିଶୁରୋଗ, ସ୍ତ୍ରୀରୋଗ ଓ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ସମେତ ୨୧ଜଣ ଡାକ୍ତର ପଦବୀ ଅନୁମୋଦିତ ଥିବାବେଳେ ଜଣେ ହେଲେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ମାତ୍ର ୭ଜଣ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ମୁନିଗୁଡ଼ାର ଜନସଂଖ୍ୟା, ଭୌଗୋଳିକ ସ୍ଥିତି ଓ ଲୋକଙ୍କ ନିର୍ଭରଶୀଳତାକୁ ଦେଖି ଆବଶ୍ୟକ ଡାକ୍ତର ପଦବୀ ପୂରଣ କରାଗଲେ ସମସ୍ତଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ପ୍ରଗତି ମଞ୍ଚର ଉପ ସଭାପତି ରାଜୀବ ଲୋଚନ ଦାସ, ସହ ସମ୍ପାଦକ ମନୋରଞ୍ଜନ ଦଳାଇ,କୋଷାଧ୍ୟକ୍ଷ ନନ୍ଦ କିଶୋର ପଟ୍ଟନାୟକ, ସୁଦାମ ଚରଣ ପଣ୍ଡା, ଗଣେଶ ପ୍ରସାଦ ପାତ୍ର, ନରେଶ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ବୈଠକ

ଗୁଣପୁର,୨୬।୯(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ବୈଠକ ବୁଧବାର ମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଡ. ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ସତ୍ୟଜିତ ଗମାଙ୍ଗ ଓ ପୌର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ ଅତିଥି ଭାବେ ଯୋଗଦେଇଥିଲେ। ଅର୍ଦ୍ଧନିର୍ମିତ ଗୁଣ୍ଡିଚା ମନ୍ଦିର ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରାଯାଇ ଆସନ୍ତା ଡିସେମ୍ବରରେ ପ୍ରତିଷ୍ଠା କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରାୟ ୨୫ ଲକ୍ଷ ଅନୁଦାନ ଆବଶ୍ୟକ ହେଉଥିବାବେଳେ ବିଧାୟକଙ୍କ ହାତପାଣ୍ଠିରୁ ପ୍ରଥମ ଅନୁଦାନ ମନ୍ଦିର ନିର୍ମାଣ ପାଇଁ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷେ ପ୍ରତ୍ୟେକ ବର୍ଷ ଭଳି ଚଳିତ ଥର ମଧ୍ୟ ମନ୍ଦିର ପରିସରରେ ୨୪ ପ୍ରହର ନାମଯଜ୍ଞ କିଭଳି କରାଯିବ, ତା'ର ରୂପରେଖ କ'ଣ ହେବ ଓ ସେଥିପାଇଁ କେତେ ଖର୍ଚ୍ଚ ହେବ ସେ ନେଇ ଆଲୋଚନା ହୋଇଥିଲା। ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ନିମନ୍ତେ ଦେବୋତ୍ତର ବିଭାଗର ଏକ ପ୍ରତିନିଧି ଦଳ ମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ କମିଟିର ସାଧାରଣ ସମ୍ପାଦକ ନିରଞ୍ଜନ ପାଢ଼ୀ, ବରିଷ୍ଠ ସଦସ୍ୟ ତ୍ରିପତି ମହାନ୍ତି, ଭାଗୀରଥି ବିଶୋୟୀ, ଅକ୍ଷୟ ଦାସ, ଡ. ପ୍ରଶାନ୍ତ ହୋତା, ମିଲି ପାଢ଼ୀ, ଉମା ଦାସ, ତ୍ରିପତି ରଥ, ଲାଡି ନରସିଂହମୂର୍ତ୍ତି, ସୂର୍ଯ୍ୟ ନାୟକ, ଜିତେନ୍ଦ୍ର ନାୟକ, ଗାଙ୍ଗାରାଜୁ ଶବର, ସୋମନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶକରେ ସୁରଭି

ରାମନାଗୁଡା, ୨୬।୯ (ସଞ୍ଜୟ ପ୍ରଧାନ)

ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ଭାମିନି ପଞ୍ଚାୟତର କେନ୍ଦୁଗୁଡ଼ା ଆଶ୍ରମ ବିଦ୍ୟାଳୟରେ 'ସୁରଭି ୨୦୨୪' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ମୁଖ୍ୟଅତିଥି, ଲିମାପଦର ପ୍ରଧାନ ଶିକ୍ଷକ ପ୍ରପନ୍ନ ତ୍ରିପାଠୀ ମୁଖ୍ୟବକ୍ତା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭୈରବ ପ୍ରସାଦ ରଥ ମଞ୍ଚାସୀନ ଥିଲେ। ସୁରଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭିମିନୀ କ୍ଲଷ୍ଟରର ୧୪ ବିଦ୍ୟାଳୟରୁପ୍ରାୟ୮୦ ଛାତ୍ରୀଛାତ୍ରୀ ଚିତ୍ରାଙ୍କନ, ବକ୍ତୃତା, ଭାଷଣ, ସଙ୍ଗୀତ, ସୃଜନଶୀଳ ଲିଖନ, ଚିତ୍ରକଳା ପ୍ରତିଯୋଗିତାରେ ଭାଗନେଇଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଜେତା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଅବସରରେ ଗୁଣପୁରର କଳାକାର ନିଖିଲ କୁମାର ପାଢୀ ମ୍ୟାଜିକ୍ ଶୋ' ପ୍ରଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷକ ଦିଲୀପ କୁମାର ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତପନ ସୁନାମୁଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମଞ୍ଚରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମନାଥ ଶବର, ଶିକ୍ଷାବିତ ବାଳକୃଷ୍ଣ ଶବର, ଦ୍ରୌପଦି ବିଦ୍ୟାପୀଠ ମହାବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ପ୍ରଧାନ, ଜଗନ୍ନାଥ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ପାଣିଗ୍ରାହୀ, ପ୍ରଧାନ ଶିକ୍ଷକ ଅରବିନ୍ଦ ପାଢୀ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ତାରାକାଶର ରାଓ, ଶିକ୍ଷୟିତୀ ପ୍ରଜ୍ଞା ପରିମିତା ଦେବୀ, ସନ୍ତୋଷୀ ସାହୁ, ଦିପ୍ତି ରାଣୀ ପଣ୍ଡା, ପୁଷ୍ପାଞ୍ଜଳୀ ପରିଡା, ମିତାଲୀ ସାହୁ, ଗୀତା ଶବର, ସୌଦାମିନି ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଶିକ୍ଷକ ଗଣେଶ ଶବର, ରାଜେନ୍ଦ୍ର ବେହେରା ଓ ଶିକ୍ଷୟିତ୍ରୀ କୁନିଦାସ, ମଧୁମିତା ଗମାଙ୍ଗ, ସସ୍ମିତା ଶବର ତଥା ଗ୍ରାମବାସୀ କରମା ଶବର, କମଳ କୈବର୍ତ୍ତ, ସୁଶାନ୍ତ ସାହୁସହଯୋଗ କରିଥିଲେ।



ସୁରଭୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ବୀର ଭୈରବୀଙ୍କ ଝାମୁଯାତ୍ରା ଉଦ୍‌ଯାପିତ

ମୁନିଗୁଡା,୨୬।୯ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡା ବ୍ଲକର ଭୈରବଗଡ଼ ଗ୍ରାମରେ ୭ ଦିନ ଧରି ଚାଲିଥିବା ବୀର ଭୈରବୀଙ୍କ ପ୍ରସିଦ୍ଧ ଝାମୁଯାତ୍ରା ଉତ୍ସବ ଉଦ୍‌ଯାପିତ ହୋଇଛି। ୭ ଦିନ ଧରି ବୀର ଭୈରବୀଙ୍କ ପ୍ରତୀକ ଘଟ ଗ୍ରାମ ପରିଭ୍ରମଣ ସହ ଭକ୍ତଙ୍କୁ ଆଶିଷ ପ୍ରଦାନ କରିଥିଲେ। ଶେଷ ଦିନ ସନ୍ଧ୍ୟାରେ ଝାମୁଯାତ୍ରା ଆରମ୍ଭ ହୋଇଥିଲା। ଯାତ୍ରାରେ ମୁଖ୍ୟ ଆକର୍ଷଣ ଥିଲେ ଭୈରବୀଙ୍କ ମୁଖ୍ୟ ସେବକ ରତ୍ନାକର ପୂଜାରୀ। ପୂଜାରୀଙ୍କ ଶରୀରରେ ମା' ଭୈରବୀ ପ୍ରସନ୍ନ ହୋଇଥାନ୍ତି ବୋଲି ଗ୍ରାମବାସୀ ମତଦିଅନ୍ତି। ପୂଜାରୀ କଣ୍ଟା ଦୋଳିରେ ଝୁଲିବା ସହ ଖାଲି ପାଦରେ ଡହଡହ ଅଗ୍ନିକୁଣ୍ଡରେ ଚାଲୁଥିବା ଦୃଶ୍ୟ ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ। ପୂଜାରୀ କଣ୍ଟା ଦୋଳିରେ ଝୁଲିବା ସମୟରେ ଶ୍ରଦ୍ଧାଳୁଙ୍କ ଦୁଃଖ ଶୁଣି


ଭୈରବୀଙ୍କ ମୁଖ୍ୟ ସେବକ ନିଆଁରେ ଚାଲୁଛନ୍ତି।

ତା'ର ପ୍ରତିକାର କହିବା ସହ ଆଶିଷ ପ୍ରଦାନ କରିଥାନ୍ତି। ଏହି ସମୟରେ ଅନେକ ମାନସିକଧାରୀ ସେମାନଙ୍କ ମାନସିକ ପୂରଣ ଜନିତ ଅର୍ଘ୍ୟ ଅର୍ପଣ କରିଥାନ୍ତି। କେତେଜଣ ପାରା ଉଡାଇଥାନ୍ତି, ତ ଆଉ କିଏ ଭୋଗ ଆକାରରେ କୁକୁଡ଼ା, ଛେଳି ବଳି ଛଡେଇଥାନ୍ତି।

ଝାମୁଯାତ୍ରାର ଏହି ପବିତ୍ର ଅବସରରେ ପ୍ରବଳ ଭକ୍ତ ସମାଗମ ହୋଇଥିଲା। ଅନେକ ଭକ୍ତ ପୌରାଣିକ ଓ ସାମ୍ପ୍ରତିକ ସମୟର ଲୋକ ଚରିତ୍ରର ବେଶଭୁଷାରେ ନିଜକୁ ସଜାଇ ଭକ୍ତ ସମୂହକୁ ସଚେତନତାର ବାର୍ତ୍ତା ଦେଉଥିଲେ। ବୀର ଭୈରବୀଙ୍କ ଝାମୁଯାତ୍ରା ମୁଖ୍ୟ ସେବକ ରତ୍ନାକର ପୂଜାରୀ, ସହଯୋଗୀ ରାଜେନ୍ଦ୍ର ଦାସ, କିଶୋର ପ୍ରଧାନୀ, ମୁରଲୀ ଗନ୍ତାୟତ ଓ ରମେଶ ସାହୁଙ୍କ ତତ୍ତ୍ୱାବଧାନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାତ୍ରା କମିଟିର ସଭାପତି ପପୁ ଗନ୍ତାୟତ, ସମ୍ପାଦକ ମନୋରଞ୍ଜନ ସାହୁ, କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ବୃଷକେଶ ଗନ୍ତାୟତ, ମଧୁ ମାଣ୍ଡିଦି, ଭବାନୀ ସାହୁ, ଅନିଲ କଅଁର, ଭକ୍ତ ସାହୁ, ମନୋଜ ମହାକୁଡ, କିରଣ ସାହୁ, ଦିଗାମ୍ବର ଶିକକା, ଚନ୍ଦ୍ରଶେଖର ଦଳପତିଙ୍କ ସମେତ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ମୁନିଗୁଡା ବ୍ଲକ ଅନ୍ତର୍ଗତ ଜଗଦଲପୁରଠାରେ ମା' କଳରାସୁଣୀ ଓ ଅମ୍ବାଦଳାରେ ଦଣ୍ଡ ଭୈରବୀଙ୍କ ପ୍ରସିଦ୍ଧ ଝାମୁଯାତ୍ରା ରୀତିନୀତି ଅନୁଯାୟୀ ଉଦ୍‌ଯାପିତ ହୋଇଛି ।

# ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇଲେ ଜମି ମାଲିକ

## ବୋହୂଙ୍କୁ ହେଲ୍‌ପର ପଦବୀରେ ନିଯୁକ୍ତି ଦାବି

ଦଶମନ୍ତପୁର,୨୬।୯(ଅରବିନ୍ଦ ନାୟକ)



କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁର୍କାର ପଞ୍ଚାୟତର ନାରାୟଣଗୁଡା ଗାଁରେ ଅଙ୍ଗନୱାଡ଼ି ହେଲ୍‌ପର ପଦବୀରେ ବୋହୂଙ୍କୁ ନିଯୁକ୍ତି ଦାବିରେ କେନ୍ଦ୍ରରେ ତାଲା ପକାଇଛନ୍ତି ଜମି ମାଲିକ। ବୋହୂଙ୍କୁ ନିଯୁକ୍ତ ନ ମିଳିବା ଯାଏଁ କେନ୍ଦ୍ରର ତାଲା ଖୋଲାଯିବ ନାହିଁ ବୋଲି ଜମି ମାଲିକ ଡମ୍ବୁ ମିଣିଆକା ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅଙ୍ଗନୱାଡ଼ି କର୍ମୀ ଭାବେ ଗ୍ରାମର ପୂର୍ଣ୍ଣମଣି ନାଡିକା ନିଯୁକ୍ତ ଅଛନ୍ତି। ଗାଁର ଅନ୍ୟ ଜଣେ ମହିଳା ଲକ୍ଷ୍ମୀ ପ୍ରେସିକା ହେଲ୍‌ପର ଭାବେ କାମ କରୁଥିଲେ। ବର୍ଷକ ତଳେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିଲା। ସେହି ସମୟରେ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ସରକାରୀ ଜମି ନ ଥିବାରୁ ଗାଁର ଡମ୍ବୁ ମିଣିଆକାଙ୍କ ଜମିରେ ଗୃହ ନିର୍ମାଣ କରାଗଲା। ଜମି ବାବଦରେ ଡମ୍ବୁଙ୍କ ବୋହୂଙ୍କୁ ହେଲ୍‌ପର ଭାବେ କାମ କରିବା ଲାଗି ଗାଁ ଲୋକଙ୍କ ସହ ଆଲୋଚନା ହୋଇଥିଲା। ଅଙ୍ଗନୱାଡି କର୍ମୀ ବେସରକାରୀ ଭାବେ ମୃତ ଲକ୍ଷ୍ମୀଙ୍କ ଝିଅ ଶିଶୁଳା ପ୍ରେସିକାଙ୍କୁ ହେଲ୍‌ପର ଭାବେ ନିଯୁକ୍ତ କରିଛନ୍ତି। ସରକାରୀ ଗାଇଡ୍ ଲାଇନ ଅନୁସାରେ ଯୁକ୍ତ ୨ ପାସ୍ କରିଥିବା ଗ୍ରାମର ବୋହୂଙ୍କୁ ହେଲ୍‌ପର ନିଯୁକ୍ତି ମିଳିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଡମ୍ବୁ ତାଙ୍କ ବୋହୂଙ୍କୁ ହେଲ୍‌ପର ନିଯୁକ୍ତ କରାଯାଉ ବୋଲି ଦାବିକରି କେନ୍ଦ୍ରରେ ତାଲା ପକାଇଛନ୍ତି। ଏ ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀ ପୂର୍ଣ୍ଣମଣି ନାଡିକାଙ୍କୁ ପଚାରିବାରୁ ଲକ୍ଷ୍ମୀ ପ୍ରେସିକାଙ୍କ ମୃତ୍ୟୁ ପରେ ହେଲ୍‌ପର ପଦ ଖାଲି ପଡ଼ିଥିଲା। ଏଥିପାଇଁ ଆବେଦନ ପ୍ରକ୍ରିୟା ଚାଲିଛି। କାଗଜପତ୍ର ଯାଞ୍ଚ କରାଯାଇ ହେଲ୍‌ପର ପଦବୀରେ ନିଯୁକ୍ତି କରାଯିବ ବୋଲି ସେ କହିଛନ୍ତି। ଏ ନେଇ ସିଡିପିଓ ସକୁନ୍ତଳା ଦାସଙ୍କୁ ଘଟଣା ସମ୍ପର୍କରେ ବୁଝିବା ପାଇଁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ଫୋନ ସଂଯୋଗ ନ ହେବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଏମ୍‌ବିକେ, ସିଆର୍‌ପି କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର,୨୬।୯(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ୍‌ରେ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ତୃଣମୂଳସ୍ତରର ସମସ୍ତ କ୍ୟାଡର ତଥା ଏମ୍‌ବିକେ,ବ୍ୟାଙ୍କ ମିତ୍ର,ସିଆର୍‌ପି,କୃଷିମିତ୍ର,ପ୍ରାଣୀମିତ୍ର କର୍ମଚାରୀ ୬ମାସ ବର୍ଦ୍ଧିତ ଦରମା ପାଇ ନ ଥିବାରୁ ଜିପିଏଲ୍‌ଏଫ୍ କର୍ମୀ ସଂଘ ପକ୍ଷରୁ ବୁଧବାର କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ମନୋଜ ନାୟକଙ୍କୁ ଦାବିପତ୍ର ପ୍ରଦାନକରି କାର୍ଯ୍ୟବନ୍ଦ ଡାକରା ଦେଇଥିଲେ। ବିଗତ ୬ ବର୍ଷ ଧରି ସେମାନେ ନିରବିଚ୍ଛିନ୍ନ ଭାବେ ସରକାରଙ୍କ ସମସ୍ତ ଜନହିତକାରୀ ଯୋଜନା ତୃଣମୂଳ ସ୍ତରରୁ ପ୍ରତି ଗ୍ରାମରେ ପହଞ୍ଚାଇ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ମଧ୍ୟ ୬ ମାସ ହେଲାଣି ତାଙ୍କର ପାରିଶ୍ରମିକ ପାଇନାହାନ୍ତି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏ ନେଇ ଅଧିକାରୀ,ବିଭାଗୀୟ ମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପାରିଶ୍ରମିକ ମିଳିନାହିଁ। ଜୟପୁର ବ୍ଲକର ୨୧ ଏମ୍‌ବିକେ,୨୧ ବ୍ୟାଙ୍କମିତ୍ର,୮ ପ୍ରାଣୀମିତ୍ର ଓ ୨୦୦ରୁ ଉର୍ଦ୍ଧ୍ୱ ସିଆର୍‌ପି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ଏହାଦ୍ୱାରା ଏସ୍‌ଏଚ୍‌ଜି କାର୍ଯ୍ୟରେ ବାଧା ସୃଷ୍ଟିହେବା ସହ ଏସ୍‌ଏଚ୍‌ଜିମାନଙ୍କୁ ଋଣ କାର୍ଯ୍ୟରେ ବାଧା ସୃଷ୍ଟିହୋଇଥିବା ନଜରକୁ ଆସିଛି।

## ପୁରୁଣା ପେନ୍‌ସନ ଦାବିରେ ସ୍ମାରକପତ୍ର



କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ ବିକ୍ଷୋଭ ।

କୋରାପୁଟ/ଜୟପୁର,୨୬।୯
(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

ପୁରୁଣା ପେନ୍‌ସନ ଲାଗୁ ଦାବିରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲା ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ତାଙ୍କ ଆବାସିକ ଅଧିକାରୀ ସୁମିତ ଭୂଷଣ, ଜ୍ଞାନଜିତ ତ୍ରିପାଠୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମନ୍ୱୟ ସମିତି ଜିଲା ସଭାପତି ଶଶିଭୂଷଣ ଦାସଙ୍କ ଆହ୍ୱାନକ୍ରମେ ଜିଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ବହୁ ଅଣଗେଜେଟେଡ୍ କର୍ମଚାରୀ କୋରାପୁଟରେ ଏକାଠି ହୋଇ ଶୋଭାଯାତ୍ରାରେ କଳା ନିକେତନ ଛକ ନିକଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଦୀର୍ଘ ଦିନର ଦାବି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନ୍‌ସନ ପ୍ରଦାନ କରିବା ନେଇ ସ୍ମାରକପତ୍ର ଦିଆଯାଇଥିବା ସଂଘ ସଭାପତି ଦାସ କହିଥିଲେ। ଏଥିସହ ଜିଲାସ୍ତରୀୟ କର୍ମଚାରୀମାନେ ସରକାରଙ୍କ ଦ୍ୱାରା ଅବହେଳିତ ହେଉଥିବା ସଂଘ ପକ୍ଷରୁ କୁହାଯାଇଛି। ସୂଚନା ଥାଉକି, ୨୦୦୫ରୁ ନିଯୁକ୍ତ ହୋଇଥିବା ସମସ୍ତ ବର୍ଗର କର୍ମଚାରୀ ପୁରୁଣା ପେନ୍‌ସନ ପାଇବାରୁ ବଞ୍ଚିତ ହେଉଛନ୍ତି । ଫଳରେ ଅବସର ଗ୍ରହଣ କରିବା ପରେ ସେମାନେ ଆର୍ଥିକ ଅନଟନରେ ଜୀବନ ବିତାଉଥିବା ସଂଘ ପକ୍ଷରୁ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସମ୍ପାଦକ ମହେଶ୍ୱର ମିଶ୍ର, କାର୍ଯ୍ୟକାରୀ ସଭାପତି କିଶୋର ଚନ୍ଦ୍ର ସାହୁ, ସାଙ୍ଗଠନିକ ସମ୍ପାଦକ ଗୋଲକ ବିହାରୀ ଚୌଧୁରୀଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ଜୟପୁର,୨୬।୯(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ ଅନ୍ତା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଫାମ୍ପୁଣୀ ପଞ୍ଚାୟତର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୪ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାମ୍ପୁଣୀ କ୍ଲଷ୍ଟରର ୧୮ ବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ। ଫାମ୍ପୁଣୀ କ୍ଲଷ୍ଟରର ଆଞ୍ଚଳିକ ସଂଯୋଜକ ଜ୍ୟୋତିଶଙ୍କର ତ୍ରିପାଠୀ,ଅନ୍ତା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁକୁନ୍ଦ ବେହେରା,ଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା,ଦିଲୀପ ମିଶ୍ର,ସାଗରିକା ମହାପାତ୍ର,ସସ୍ମିତା ରଥ, ଜ୍ୟୋତିରାଣୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସଭାରେ ସରପଞ୍ଚ ବାବୁଲା ଦିଶାରୀ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କ୍ଲଷ୍ଟରସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ଆସନ୍ତା ଅକ୍ଟୋବର ୪ ତାରିଖରେ ବ୍ଲକସ୍ତରରେ ଭାଗ ନେବେ। କାର୍ଯ୍ୟକ୍ରମରେ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ନାୟକ,ଶିକ୍ଷକ ଅଜିତ ଶତପଥୀ,ଗୁପ୍ତ ପଟ୍ଟନାୟକ,ହରିହର ପଟ୍ଟନାୟକ,ଅଭିପ୍ସା ପାତ୍ର,ନିତୁ ପଣ୍ଡା, କାହ୍ନୁଚରଣ ତ୍ରିପାଠୀ, ସୁସ୍ମିତା ପାଢ଼ୀ,ମନୋରଞ୍ଜନ ପଲାଇଙ୍କ ସହ ଫାମ୍ପୁଣୀ କ୍ଲଷ୍ଟରର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

### ପରିବହନ ବିଭାଗରୁ ହଜିଯାଉଛି ଦରକାରୀ କାଗଜ

ସୁନାବେଡ଼ା/ସେମିଳିଗୁଡ଼ା,୨୬।୯
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ପରିବହନ ବିଭାଗରୁ ହଜିଯାଉଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର। ଏମିତି କହିଛନ୍ତି ଦପ୍ତରର ବଡ଼ବାବୁ। ଗତ ମାସ ୨୦ ତାରିଖରେ ଜଣେ ବ୍ୟକ୍ତି ସୂଚନା ଅଧିକାର ଆଇନ ବଳରେ ପରିବହନ ବିଭାଗରୁ କିଛି ତଥ୍ୟ ମାଗିଥିଲେ। ହେଲେ ଆଶ୍ଚର୍ଯ୍ୟର କଥା ଉକ୍ତ ବ୍ୟକ୍ତିଙ୍କୁ ମାଗିଥିବା ତଥ୍ୟ ପରିବର୍ତ୍ତେ ମାସେ ପରେ ଫାଇଲ ହଜିଯାଇଥିବା ଫୋନ ଯୋଗେ କହିବା ସହ ପୁଣି ଥରେ ଆବେଦନ କରିବାକୁ କହିଥିଲେ। ଏହା ପରିବହନ ବିଭାଗର ଦାୟିତ୍ୱହୀନତାକୁ ପଦାରେ ପକାଇଛି । ଏ ସମ୍ପର୍କରେ ଆର୍‌ଟିଓ ରାଜେଶ ମାରାଣ୍ଡିଙ୍କୁ ଯୋଗାଯୋଗ କରିବାରୁ ଫାଇଲ ହଜିବା ବିଷୟରେ ମୁଁ ଜାଣିନାହିଁ । ବୁଝିବା ପରେ ଯାହା କହିବେ ବୋଲି ସେ କହିଛନ୍ତି।

### ଏନ୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ

ବୋରିଗୁମ୍ମା,୨୬।୯(ବିଜୟ ସାହୁ)

ବୋରିଗୁମ୍ମାସ୍ଥିତ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ପ୍ରତିଷ୍ଠା ଦିବସ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଭିରିଞ୍ଚିରୀବୀ ପଟ୍ଟନାୟକ,ସଭାପତି କେ.ନାଗରାଜ ଦୋରା,ପରିଚାଳନା କମିଟିସଭାପତିରାମଚନ୍ଦ୍ର ପାଢ଼ୀ,ସଦସ୍ୟ ସୁରେଶ ରାଉତ ଓ ଅଧ୍ୟାପକ ସୌମେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ସଦାଶିବ ତ୍ରିପାଠୀ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ,ପାରମ୍ପରିକ ନୃତ୍ୟ ଏବଂ ସ୍ଲୋଗାନ ଲିଖନ ପରି ପ୍ରତିଯୋଗିତାର ଆୟୋଜନ କରିଥିଲେ। ପ୍ରତିଯୋଗିତାରେ ଆଶୁତୋଷ ପାଣିଗ୍ରାହୀ ପ୍ରଥମ,ନିବେଦିତା ମହାରଣା ଦ୍ୱିତୀୟ ଓ ସୁଶାନ୍ତ ମାଝୀ ତୃତୀୟ ସ୍ଥାନରେ ରହିଥିଲେ। ନୃତ୍ୟରେ କେ.ଭୂମିକା ପ୍ରଥମ,କସ୍ତୁରୀ ନାୟକ ଦ୍ୱିତୀୟ ଓ ରାଜେଶ୍ୱରୀ ନାୟକ ତୃତୀୟରେ ଥିଲେ। ସ୍ଲୋଗାନରେ ମନୋଜ କୁମାର ରାଉତ ପ୍ରଥମ,ପ୍ରଶାନ୍ତ କୁମାର ସାହୁ ଦ୍ୱିତୀୟ ଓ ଦେବରାଜ ବିଶୋଇ ତୃତୀୟ ହୋଇଥିଲେ। ସନ୍ତୋଷ ପଟ୍ଟନାୟକ, ଜଗଦୀଶ ପାଣିଗ୍ରାହୀ, ଦେବେନ୍ଦ୍ର ନାଥ ପଣ୍ଡା, ପି.ଗୁପ୍ତେଶ୍ୱର ରାଓ ଓ ଲକ୍ଷ୍ମୀ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଉଦ୍ୟୋଗୀ ହେବାକୁ ପ୍ରେରଣାଦେଲା ସ୍ୱାବଲମ୍ବୀ ଭାରତ ଅଭିଯାନ

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

କୋରାପୁଟ,୨୬।୯(ଅମିତାଭ ବେହେରା)


କାର୍ଯ୍ୟକ୍ରମରେ ଅତିଥି ।

ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗ ପକ୍ଷରୁ ସ୍ୱାବଲମ୍ବୀ ଭାରତ ଅଭିଯାନ ଆନୁକୂଲ୍ୟରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଚାକିରି ପଛରେ ନ ଗୋଡାଇ ଛାତ୍ରୀଛାତ୍ର ଉଦ୍ୟୋଗୀ ହେବାକୁ ପ୍ରେରଣା ଦିଆଯାଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ କାର୍ଯ୍ୟକ୍ରମ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ପୂର୍ବ ଭାରତ ସ୍ୱାବଲମ୍ବୀ ଅଭିଯାନର କାର୍ଯ୍ୟନିର୍ବାହୀ ଆଶୁତୋଷ ମୁଖାର୍ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଚାକିରି ନୁହେଁ, ନିଯୁକ୍ତି ସୃଷ୍ଟିକାରୀ ହେବାକୁ ଛାତ୍ରୀଛାତ୍ରଙ୍କୁଆହ୍ୱାନ ଦେଇଥିଲେ। ଷ୍ଟିଭ ଜବ୍ସ ଏବଂ ଧୀରୁଭାଇ ଅମ୍ବାନୀଙ୍କ ଭଳି ଉଦ୍ୟୋଗୀ କିମ୍ବଦନ୍ତୀଙ୍କଠାରୁ ପ୍ରେରଣା ପାଇ ସେ ସ୍ଥାୟୀ ଉଦ୍ୟୋଗ ନିର୍ମାଣ ପାଇଁ ସ୍ଥାନୀୟ ସମ୍ବଳ ଯଥା ବାଜରା ଏବଂ ମାଣ୍ଡିଆ ଜାତୀୟ ଖାଦ୍ୟ ବ୍ୟବହାର କରିବାକୁ ପ୍ରୋତ୍ସାହିତ କରିଥିଲେ। ସମବାୟ ପ୍ରୟାସ ଓ ଉଦ୍ୟୋଗ ମାଧ୍ୟମରେ ସମୁଦାୟ ଏକାଠି ହୋଇପାରିବେ ବୋଲି ମୁଖାର୍ଜୀ କହିଥିଲେ। କାର୍ଯ୍ୟକ୍ରମରେ ୨୫ଟି ପରିବାରକୁ ସହାୟତା କରୁଥିବା ଏକ ସଫଳ ଦୁଗ୍ଧ ଉଦ୍ୟୋଗ କାଞ୍ଚନ ଗୋପାଳନ କେନ୍ଦ୍ରର ପ୍ରତିଷ୍ଠାତା ନମିତା ପାଟଯୋଶୀ ଅଂଶଗ୍ରହଣ କରିଥିଲେ।ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ତନ୍ମୟ ପ୍ରଧାନ ଭାରତର ଉଦ୍ୟୋଗୀ ଇକୋସିଷ୍ଟମକୁ ଗଢ଼ି ତୋଳିବାରେ ଯୁବଗୋଷ୍ଠୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍‌ବିଏ ବିଭାଗର ମୁଖ୍ୟ ଡ. ପଦ୍ମଚରଣ ମିଶ୍ର ଅତିଥିଙ୍କୁ ସ୍ୱାଗତ କରିବା ସହ କେବଳ କର୍ମଚାରୀ ନୁହନ୍ତି, ଉଭାବକମାନଙ୍କୁ ପ୍ରୋତ୍ସାହିତ କରିବା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଗଷ୍ଟ ୨୧ରୁ ଅକ୍ଟୋବର ୨ ସ୍ୱଦେଶୀ ସପ୍ତାହ ଘୋଷଣା ପ୍ରମୁଖ ଆକର୍ଷଣ ଥିଲା। ଏହା ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ସହ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରୁଥିବା ବାର୍ଷିକ ଉତ୍ସବକୁ ସମସ୍ତେ ସ୍ୱାଗତ କରିଥିଲେ। ଡ. ସୁବାସ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କୁଳପତି ଡ. ଚକ୍ରଧର ତ୍ରିପାଠୀଙ୍କ ପ୍ରୋତ୍ସାହନକୁ ସ୍ୱୀକାର କରିବା ସହ ଶିକ୍ଷାନୁଷ୍ଠାନ ମଧ୍ୟରେ ଉଦ୍ୟୋଗକୁ ଯୋଡ଼ିବା ପାଇଁ ନିରନ୍ତର ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ।

## ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

କୋରାପୁଟ,୨୬।୯(ଅମିତାଭ ବେହେରା)

କୋରାପୁଟ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ କରାଯାଉଛି। ଉମୁରି, ଅମିନଗୁଡା ଓ ପଣସପୁଟରେ ସ୍ୱଚ୍ଛତା ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଗାଁ ସ୍କୁଲଗୁଡ଼ିକରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟାଳୟରେ କୋରାପୁଟର ୨ ଜଣ ସଫେଇ ମିତ୍ର ନବୀନ ବେହେରା ଏବଂ ଜ୍ୟୋତି କାନ୍ଦାପନଙ୍କୁ ସେମାନଙ୍କ ସେବା ବୃତ୍ତି ନିମନ୍ତେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମଗୁଡିକ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଡ. ଲତିକା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା। ଏଥିରେ ଆଞ୍ଚଳିକ କାର୍ଯ୍ୟାଳୟ ସହାୟକ ନିର୍ଦ୍ଦେଶକ ଡ. ବଂଶୀଧର ବାରିକ, ମାଧବ କୁମାର ବିଷୋୟୀ, ଗଦାଧର ନାୟକ, ଚିତ୍ତରଞ୍ଜନ ଗେନ୍ତୁ, ସୂର୍ଯ୍ୟକାନ୍ତ ଚୌଧୁରୀ ପ୍ରମୁଖ ସହାୟତା କରିଥିଲେ।

## ବସିଛି ଟେଲିଫୋନ ଟାୱାର, ସେବା ପାଉନାହାନ୍ତି ଲୋକେ

ସେମିଳିଗୁଡ଼ା/ସୁନାବେଡ଼ା,୨୬।୯
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା ବ୍ଲକ ସାଡ଼ାମ ପଞ୍ଚାୟତ ହେଉଛି ଓଡ଼ିଶା ଓ ଆନ୍ଧ୍ରର ସୀମାନ୍ତ ଗାଁ। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଏହି ପଞ୍ଚାୟତ ରେଣୁ ଗାଁ ନିକଟରେ ପ୍ରଶାସନ ପକ୍ଷରୁ ଏକ ଜିଓ ଟାୱାର ବସାଯାଇଥିଲା। ଉଦ୍ଦେଶ୍ୟ ଥିଲା ପଞ୍ଚାୟତବାସୀ ମୋବାଇଲ ସେବା ପାଇବେ । ହେଲେ ଏଥିରୁ ବଞ୍ଚିତ ଏଠାକାର ଲୋକେ। ଟାୱାର ବସାଯାଇଥିବା ସ୍ଥାନରେ ଲାଗିଥିବା ଫଳକ ଅନୁସାରେ ୨୦୨୩ ଫେବୃଆରୀରୁ ଟାୱାର କାମ ସମ୍ପୂର୍ଣ୍ଣ ହୋଇଛି । ଇତିମଧ୍ୟରେ ଦେଢ ବର୍ଷ ଉପରେ ହେଲାଣି କିନ୍ତୁ କାର୍ଯ୍ୟକ୍ଷମ ହେଉନି ଟାୱାର। ତେଣୁ ମୋବାଇଲ ସେବାରୁ ଗ୍ରାମବାସୀ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। ଅନେକ ସମୟରେ ଲୋକଙ୍କ ଦେହ ଖରାପ ହେଲେ ଆମ୍ବୁଲାନ୍ସ ପାଇଁ ଗାଁରୁ ପ୍ରାୟ ୪/୫ କି.ମି.ପାହାଡ଼ ଉପରକୁ ଯାଇ ଫୋନ କରିବାକୁ ପଡୁଛି। ସେହିପରି ଟୋଲ୍‌ଫ୍ରି ନଂ. ୧୦୮କୁ ଫୋନ କଲେ ତାହା ଆନ୍ଧ୍ରପ୍ରଦେଶ ଆମ୍ବୁଲାନ୍ସକୁ ଲାଗିବା ସହ ତେଲୁଗୁ ଭାଷାରେ ଉତ୍ତର ମିଳୁଥିବା ଗାଁ ଲୋକେ କହିଛନ୍ତି। ଫଳରେ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହେଉଛନ୍ତି ଗାଁ ଲୋକେ। ଏଣୁ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି । ଟାୱାର ସମ୍ପର୍କରେ ସେମିଳିଗୁଡା ବିଡିଓ ଦାୟିତ୍ୱରେ ଥିବା କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କୁ ପଚାରିବାରୁ ଟାୱାର କାର୍ଯ୍ୟକ୍ଷମକୁ ନେଇ କ'ଣ ହୋଇଛି ବୁଝିବା ପରେ ତାହାର ସମାଧାନ କରାଯିବ ବୋଲି କହିଛନ୍ତି ।

# ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ

କୁନ୍ଦୁରା,୨୬।୯(ସନ୍ତୋଷ ପ୍ରହରାଜ)



କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଉପକଣ୍ଠ ସାଗରଗୁଡ଼ା ଶିକ୍ଷକଭବନରେ ବ୍ଲକସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ସୁଶାନ୍ତ କାର୍ଣ୍ଣାମି,ଜିଲା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉମାକାନ୍ତି ବାଇପାଇ ଯୋଗଦେଇ ପ୍ରଥମରୁ ତୃତୀୟ ଶ୍ରେଣୀ ପିଲାଙ୍କୁ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ବିକାଶ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ। ଏହା ଚଳିତ ମାସ ୧୭ ରୁ ୨୦୨୫ ଅଗଷ୍ଟ ୫ ପର୍ଯ୍ୟନ୍ତ ଚାଲିବ। ଗାଁ ସ୍ତରରେ ଥିବା ନିରକ୍ଷର ଲୋକଙ୍କୁ ବ୍ୟାବହାରିକ ଶିକ୍ଷା ଦେବା ଏହାର ମୂଳ ଲକ୍ଷ୍ୟ। ଏହାକୁ କେବଳ କାର୍ଯ୍ୟକ୍ରମରେ ସୀମିତ ନ ରଖି ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନିକଟରେ ପହଞ୍ଚାଇବାକୁ କୁହାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପପେୟା ବେହେରା,ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, କୁନ୍ଦୁରା ସରପଞ୍ଚ ଲବ ପରଜା, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ପଣ୍ଡା,ବରିଷ୍ଠ ଶିକ୍ଷକ ସରୋଜ କୁମାର ପାଢ଼ୀ,ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ସେଠୀ,କୁନ୍ଦୁରା ସିଆର୍‌ସିସି ମୋହନ ନାୟକ, ରାକେଶ ଗୁରୁ, ବିନାୟକ ପଣ୍ଡା ଓ ସଞ୍ଜୟ ସାନ୍ତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ଭାଗବତ ଚିରନ୍ତନ ମୂଲ୍ୟବୋଧର ପରିଚାୟକ: କୁଳପତି



### ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ

କୋରାପୁଟ,୨୬।୯(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଭକ୍ତକବି ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟର କୁଳପତି ଚକ୍ରଧର ତ୍ରିପାଠୀ, ଭୁବନେଶ୍ୱର ଓଡ଼ିଆ ଶାସ୍ତ୍ରୀୟ ଭାଷା ଉତ୍କର୍ଷ କେନ୍ଦ୍ରର ଅଧ୍ୟକ୍ଷ ବସନ୍ତ କୁମାର ପଣ୍ଡା ଓ ଦିଲ୍ଲୀ ଜେଏନ୍‌ୟୁର ଆଦିକବି ସାରଳା ଦାସ ଚେୟାର ପ୍ରଫେସର ଉଦୟନାଥ ସାହୁ ଓ ନରସିଂହ ଚରଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଅଧ୍ୟାପକ ରଘୁନାଥ ଓଝା,ଓଡ଼ିଆ ବିଭାଗ ମୁଖ୍ୟ ରୁଦ୍ରାଣୀ ମହାନ୍ତି ଓ ମୁଖ୍ୟବକ୍ତା ବସନ୍ତ ପଣ୍ଡା ସନ୍ଥକବି ଜଗନ୍ନାଥ ଦାସଙ୍କ ଆବିର୍ଭାବ ଓ ସାଧନା ବିଷୟ ଉପସ୍ଥାପନ କରିଥିଲେ। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଯୋଗୁ ଜଗନ୍ନାଥ ଦାସଙ୍କୁ ଅତିବଡ଼ୀ ଆଖ୍ୟା ଦେଇଥିଲେ। ସମଗ୍ର ଭାରତରେ ଆଧ୍ୟାତ୍ମିକ କ୍ଷେତ୍ରରେ ଜଗନ୍ନାଥ ଦାସଙ୍କ ପ୍ରତିଷ୍ଠା ବିସ୍ତାରିତ ହୋଇଥିଲା। ବିଦ୍ୟାର୍ଥୀମାନେ ଭାଗବତ ଅଧ୍ୟୟନକଲେ ସେମାନଙ୍କ ଚରିତ୍ରର ବିକାଶ ସହ ବିଦ୍ୟାର ବିକାଶ ହେବ। କାରଣ ଭାଗବତର ଭାଷା ଓଡ଼ିଆ ଶିଷ୍ଟାଚାର ଓ ଜ୍ଞାନର ଗନ୍ତାଘର। ଭାଗବତ ଚିରନ୍ତନ ମୂଲ୍ୟବୋଧର ପରିଚାୟକ ବୋଲି କୁଳପତି ପ୍ର. ତ୍ରିପାଠୀ କହିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ସହ ଅନ୍ୟ ବିଭାଗର ପ୍ରଫେସର ଓ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ଡ.ସତ୍ୟ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନର୍ସିଂ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଡାକରା

ଜୟପୁର,୨୬।୯(ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ଜିଲା ମୁଖ୍ୟ କାର୍ଯ୍ୟାଳୟ ପରିସରରେ ନର୍ସିଂ କର୍ମଚାରୀ ୧୦ ଦଫା ଦାବି ନେଇ ଗୁରୁବାର କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦେଇଛନ୍ତି। ନର୍ସିଂ ଅଫିସରଙ୍କ ଡ୍ରେସ୍ କୋଡ୍ ପରିବର୍ତ୍ତନ, କେବିକେ ଆଲାଉନ୍ସ ପ୍ରଦାନ, ଏମ୍‌ଏଚ୍‌ୟୁ/ଆର୍‌ବିଏସ୍‌କେ ଅଧୀନରେ ଦୀର୍ଘ ୧୧ବର୍ଷ ଧରି କାର୍ଯ୍ୟ କରୁଥିବା ନର୍ସିଂ ଅଫିସରମାନଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ନିୟମିତ ହେଇ ନ ଥିବା ନର୍ସିଂ ଅଫିସରଙ୍କୁ ତୁରନ୍ତ ନିୟମିତ କରିବା ଭଳି ୧୦ ଦଫା ଦାବି ରହିଛି। ସଂଘ ସଭାପତି ପ୍ରେମଲତା ମହାରଣା,ସ୍ୱରୂପ ନାୟକ,କବିତା ବୈରାଗୀ,କଳ୍ପନା ସେଠୀ, ରଶ୍ମିରାଣୀ ସେନାପତିଙ୍କ ନେତୃତ୍ୱରେ ଆନ୍ଦୋଳନ ଜାରି ରହିଛି।

# ୪ରେ ବିଜେଡିର ଜିଲାସ୍ତରୀୟ ଜନସମ୍ପର୍କ ପଦଯାତ୍ରା

କୋରାପୁଟ,୨୬।୯(ଅମିତାଭ ବେହେରା)

ଅକ୍ଟୋବର ୪ ତାରିଖରେ କୋରାପୁଟରେ ବିଜେଡିର ଜିଲାସ୍ତରୀୟ ଜନ ସମ୍ପର୍କ ପଦଯାତ୍ରା କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ କୋରାପୁଟ ଟାଉନହଲରେ କରାଯାଇଛି। ବିଜେଡିର ଜିଲା ସଭାପତି ଝିନ ହିକ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ ନବରଙ୍ଗପୁର ଜିଲା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କୋରାପୁଟରେ ହେବାକୁ ଥିବା ଜିଲାସ୍ତରୀୟ ଜନସମ୍ପର୍କ ପଦଯାତ୍ରା କରାଯିବ। ଏଥିରେ ରାଜ୍ୟ ମୁଖ୍ୟ ସଂଯୋଜକ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର ଯୋଗଦେବେ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଜିଲାର ସମସ୍ତ ୫ ନିର୍ବାଚନ ମଣ୍ଡଳୀରେ ମଧ୍ୟ ଏହି ପଦଯାତ୍ରା କରାଯିବ ବୋଲି ସେ କହିଛନ୍ତି। ଏହି ଜନ ସମ୍ପର୍କ ପଦଯାତ୍ରାରେ ବିଜେଡିର ସମସ୍ତ ନେତା ଓ କର୍ମୀ ଯୋଗେଦେଇ ଭାଜପାର ମିଛ ପ୍ରତିଶ୍ରୁତି ସବୁକୁ ଲୋକ ଲୋଚନକୁ ଆଣନ୍ତୁ ବୋଲି ସେ କହିଛନ୍ତି। ଏହି ପ୍ରସ୍ତୁତି ବୈଠକରେ କୋରାପୁଟ ପୂର୍ବତନ ବିଧାୟକ ରଘୁରାମ ପଡାଲ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପଟ୍ଟାଙ୍ଗି ପୂର୍ବତନ ବିଧାୟକ ପ୍ରୀତମ ପାଢି, ପ୍ରଫୁଲ୍ଲ ପାଙ୍ଗି, ଗୁପ୍ତ ପ୍ରସାଦ ଦାସ, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡ଼ା ପୌରାଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ବାଲା ରାୟଙ୍କ ସମେତ ବିଜେଡି ନେତାମାନେ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଜେଡି ନେତାମାନେ।

# ବନ୍ଧବାଡ଼ି ସ୍ୱୟଂସହାୟକ ଗୋଷ୍ଠୀ ପାଇଲେ ଦେଓମାଳି ପରିଚାଳନା ଫାଟକ ନିଲାମ

ପଟ୍ଟାଙ୍ଗି, ୨୬।୯(ଶରତ ଧଳ)


ନିଲାମ ଲାଗି ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକରେ ବସିଥିବା ବୈଠକରେ ଏସ୍‌ଏଚ୍‌ଜି କର୍ମକର୍ତ୍ତା ।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧିନରେ ଦେଓମାଳି ପର୍ଯ୍ୟଟନ କ୍ଷେତ୍ର ରହିଛି। ଜିଲା ପ୍ରଶାସନର ସହମତି କ୍ରମେ ଉକ୍ତ ପର୍ଯ୍ୟଟନସ୍ଥଳୀର ରକ୍ଷଣାବେକ୍ଷଣ ନିମନ୍ତେ ପଞ୍ଚାୟତରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ପ୍ରତିବର୍ଷ ପରିଚାଳନା ଫାଟକକୁ ନିଲାମ ଦିଆଯାଇ ଥାଏ । ଉକ୍ତ କାର୍ଯ୍ୟରେ ଯେଉଁ ଗୋଷ୍ଠୀ ଅଧିକ ଟଙ୍କା ନିଲାମ ଡାକିଥାଏ ତାକୁ ଦେଓମାଳି ପର୍ଯ୍ୟଟନସ୍ଥଳୀ ପରିଚାଳନା ଦାୟିତ୍ୱ ଦିଆଯାଇଥାଏ। ଏପରି କାର୍ଯ୍ୟକୁ ଦୃଷ୍ଟିରେ ରଖି କୋଟିଆ ସରପଞ୍ଚ ଲିୟୁ ଗେମେଲଙ୍କ ଟିଠିର ପ୍ରସ୍ତାବ କ୍ରମେ ସ୍ଥାନୀୟ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ପଞ୍ଚାୟତର ୬ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ନିଲାମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବଥର ପାଇଥିବା ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାସକୁ ୧ ଲକ୍ଷ ୯ ହଜାର ୮ଶହ ଟଙ୍କାରେ ପାଇଥିବା ବେଳେ ଉକ୍ତ ଗୋଷ୍ଠୀ ପାଇଥିବା ନିଲାମର ୧୦ପ୍ରତିଶତ ଅଧିକରେ ବର୍ତ୍ତମାନ ବାରାବନ୍ଧ ଗ୍ରାମର ବନ୍ଧବାଡ଼ି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୧ ଲକ୍ଷ ୨୧ହଜାର ଟଙ୍କାରେ ଏହି ଫାଟକ ନିଲାମ ପାଇଥିବା ବିଡ଼ିଓ ପଟ୍ଟନାୟକ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ପୂର୍ବରୁ ନିଲାମ ପାଇଥିବା ତୁଳସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୧ ବର୍ଷ ମଧ୍ୟରେ ୧୩ ଲକ୍ଷ ୮ହଜାର ଟଙ୍କା ଆଦାୟ କରି ପଞ୍ଚାୟତ କାର୍ଯ୍ୟାଳୟକୁ ଦେଇଥିବା ବେଳେ ଉକ୍ତ ଟଙ୍କାରେ ପର୍ଯ୍ୟଟକଙ୍କ ପାଇଁ ରାତ୍ରି ଯାପନ ନିମନ୍ତେ ୧୦୦ ଖଟ ସହ ବ୍ୟାରିକେଟ୍ ନିର୍ମାଣ ସହ ୧୫ ଯୁବକଙ୍କୁ ନିଯୁକ୍ତି ପ୍ରଦାନ ଲକ୍ଷ୍ୟ ରଖାଯାଇଥିବା ସରପଞ୍ଚ ଗେମେଲ ପ୍ରକାଶ କରିଛନ୍ତି ।

ସେହିପରି ଉକ୍ତ ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ଦୁଇ ଚକିଆ ଯାନଠାରୁ ୫୦ଟଙ୍କା, ଚାରି ଚକିଆ ଯାନରୁ ୧୦୦ ଏବଂ ଭାରିଯାନଠାରୁ ୨୦୦ଟଙ୍କା ଆଦାୟ କରି ରସିଦ ପ୍ରଦାନ କରାଯିବ। ପର୍ଯ୍ୟଟନସ୍ଥଳୀକୁ ପ୍ରତ୍ୟେକ ଦିନ କିଭଳି ସଫାସୁତୁରା ରଖାଯିବ ସେ ଉପରେ ନିଲାମ ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଦାୟିତ୍ୱ ବୋଲି ଉପସ୍ଥିତ ଜିପିଓ କିରଣ ଚନ୍ଦ୍ର ସାହୁ, ମାଳିପୁଟ ପିଇଓ ଦିବାକର ପୁରୋହିତ, କୋଟିଆ ପିଇଓ କଣ୍ଡା ଗୋଲାରି ଓ ସାମାଜିକକର୍ମୀ ରଞ୍ଜିତ ପାଙ୍ଗୀ ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ତେନ୍ତୁଳିଖୁଣ୍ଟିରେ ଅନ୍ତ୍ୟୋଦୟ ଦିବସ




ତେନ୍ତୁଳିଖୁଣ୍ଟି, ୨୬।୯ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ସମ୍ପୂର୍ଣ୍ଣତା ଅଭିଯାନରେ ଅନ୍ତ୍ୟୋଦୟ ଦିବସ ପାଳିତ ହୋଇଯାଇଛି। ପିରାମଲ ଫାଉଣ୍ଡେଶନ ପ୍ରୋଗ୍ରାମ ମ୍ୟାନେଜର ବିକ୍ରମ ରଣା କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସିନିୟର ପ୍ରୋଗ୍ରାମ ଲିଡର ଧନ୍ଦୁଲ ବଂଶଡ, ବିଡିଓ ମନୋଜ କୁମାର ପାଣିଗ୍ରାହୀ ଜଳବନ୍ଧୀ ଟାଙ୍ଗନିକୋଟ ଶିକ୍ଷକ ରତୀୟ ହରିଜନ, ପାତ୍ରପୁଟ ମହିଳା ସ୍ୱାସ୍ଥ୍ୟକର୍ମୀ କବିତା ସେଠୀ, ବରଡ଼ାଝୋଡ଼ି ଆଶାକର୍ମୀ ରାଧିକା ନାୟକ, ଓଲମାର ଅଙ୍ଗନୱାଡି କର୍ମୀ ବିଳାସିନୀ ରାଜୁ, ଏଟିଏମ୍ ବାଳଗୋବିନ୍ଦ ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସହକାରୀ କୃଷି ଅଧିକାରୀ ମାନସ ରଞ୍ଜନ ନାୟକ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନିତା ଜେଠୀ, ତେନ୍ତୁଳିଖୁଣ୍ଟି ଦାୟିତ୍ୱରେ ଥିବା କିରଣ ପ୍ରଧାନ, ଗାନ୍ଧୀ ଫେଲୋ ଅନିଲ ଓ ମିତଲି ଉପସ୍ଥିତ ଥିଲେ।

### ଡାବିରିଘାଟିରେ ଝାଡ଼ାବାନ୍ତି, ପୁଣି ୨ ନୂଆ ଆକ୍ରାନ୍ତ

ପାପଡ଼ାହାଣ୍ଡି, ୨୬।୯ (ସ୍ୱପ୍ନଜିତ ପଟ୍ଟନାୟକ)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅଁଳାଭଟା ପଞ୍ଚାୟତ ଡାବିରିଘାଟିରେ ଝାଡ଼ାବାନ୍ତି ବ୍ୟାପିଛି। ୨ ଜଣ ଆକ୍ରାନ୍ତଙ୍କୁ ଗୁରୁବାର ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଲାଲସାଇ ଦଳପତି ଓ କମଳା ମାଝୀ। ଝରଣା ଦୂଷିତ ପାଣି ପିଇ ଛାଡ଼ାବାନ୍ତି ବ୍ୟାପିଥିବା ଆଶଙ୍କା କରାଯାଉଛି। ଆକ୍ରାନ୍ତମାନେ କଳାହାଣ୍ଡି ଜିଲାର ହୋଇଥିବାବେଳେ ଜୟପାଟଣା ଯିବାକୁ ରାସ୍ତା ଠିକ୍ ନ ଥିବାରୁ ସେମାନେ ନବରଙ୍ଗପୁର ଜିଲା ମଇଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭରସା କରନ୍ତି। ପାଦଚଲା ରାସ୍ତାରେ ୪ କି.ମି. ବୋହି ପରେ ଅଟ ସାହାଯ୍ୟରେ ରୋଗୀଙ୍କୁ ଅଣାଯାଉଛି। ୨ଦିନ ତଳେ ଗ୍ରାମର ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ସମସ୍ତଙ୍କୁ ପ୍ରଥମେ ମୈଦଲପୁର ଅଣାଯାଇଥିଲା ପରେ ୩ଜଣଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

# ଗୁଣିଆଙ୍କ ପାଖରେ ମ୍ୟାଲେରିଆ ରୋଗୀଙ୍କ ଝଡ଼ାଫୁଙ୍କା

- ଯୋଡ଼ିଙ୍ଗା ପଞ୍ଚାୟତରେ ବ୍ୟାପିଛି ଜ୍ୱର
- ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ନାହାନ୍ତି ଡାକ୍ତର

ରାଇଘର ୨୬।୯ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ୍ ଯୋଡ଼ିଙ୍ଗା ପଞ୍ଚାୟତ ସାନପାରା ଓ ବଡ଼ପାରା ଗାଁରେ ମ୍ୟାଲେରିଆ ବ୍ୟାପିଛି। ବୁଧବାର ସାନପାରାର ରାଇସିଂ ଗଣ୍ଡ ଓ ବଡ଼ପାରାର ବିଷ୍ଣୁ ଗଣ୍ଡଙ୍କ ମୃତ୍ୟୁ ହୋଇଥିଲା। ମ୍ୟାଲେରିଆରେ ବିଷ୍ଣୁଙ୍କର ମୃତ୍ୟୁ ହୋଇଥିବା ବେଳେ ରାଇସିଂ ବାହାରେ ଚିକିତ୍ସିତ ହେଉଥିବାରୁ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା। ଉଭୟ ଗାଁରୁ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଅଛନ୍ତି।

ଏଠାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅସ୍ଥାୟୀ ଶିବିରକରି ଲୋକଙ୍କୁ ଔଷଧ ଦିଆଯାଇଥିଲା। ତେବେ ଗୁରୁବାର ଉକ୍ତ ଶିବିରରେ ଡାକ୍ତର ନ ଥିଲେ। ସେଠାରେ କେବଳ ୨ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ଥିଲେ। ତେଣୁ ଲୋକମାନେ ଗୁଣିଆଙ୍କ ପାଖକୁ ଯାଇ ଝଡ଼ାଫୁଙ୍କା କରାଉଥିବା ଜଣାପଡ଼ିଛି।

କିଛିଦିନ ତଳେ ଏହି ୨ ଗ୍ରାମର



ଜଣେ ଆକ୍ରାନ୍ତଙ୍କ ଘରେ ଗୁଣିଆ ଝଡ଼ାଫୁଙ୍କା ଓ ପୂଜା କରୁଛନ୍ତି।

୨୩ ଜଣ ରାୟଗଡ଼ା ଜିଲା ପାଞ୍ଚବାଇକୁ ନୀଳଗିରି ଗଛ କାଟିବାକୁ ଯାଇଥିଲେ। ସେମାନେ ସେଠାରେ ଅସୁସ୍ଥ ହେବାରୁ ୧୦ଦିନ କାମକରି ୧୫ ତାରିଖରେ ଗାଁକୁ ଫେରିଆସିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟ କେତେଜଣ କ୍ୱାକ୍‌ଙ୍କ ପାଖରେ ଚିକିତ୍ସିତ ହେଉଥିଲେ। ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଇ ଘରେ ରହି ଚିକିତ୍ସିତ ହେଉଥିବା ବିଷ୍ଣୁଙ୍କର ବୁଧବାର ମୃତ୍ୟୁ ହୋଇଯାଇଛି। ଅନ୍ୟ ଜଣେ ଶ୍ରମିକ କୈଳାସ ଗଣ୍ଡ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେହିଠାରେ ବିଷ ଖାଇଥିବା କହି ପଟାସ ପାଣି ପିଆଇ ବାନ୍ତି କରାଇବା ପରେ ଚିକିତ୍ସା ପାଇଁ ଉମରକୋଟ ପଠାଇ ଦିଆଯାଇଥିଲା। ତେଣୁ ରୋଗୀମାନେ ଡାକ୍ତଖାନା ଯିବାକୁ ଭୟ କରିଥିଲେ। ଏପଟେ ମ୍ୟାଲେରିଆ ବ୍ୟାପିବା ଖବରପାଇ ଡାକ୍ତରୀ ଟିମ୍ ଓ ଜିଲା ମ୍ୟାଲେରିଆ ନିରାକରଣ ଟିମ୍ ଗାଁରେ ପହଞ୍ଚି ଲୋକଙ୍କୁ ଔଷଧ ଦେଇଥିଲେ। ଗୁରୁବାର ଡାକ୍ତରମାନେ ପଳାଇବା ପରେ ଗାଁରେ ରୋଗୀମାନେ ପୂଜାପାଠ ଓ ଝଡ଼ାଫୁଙ୍କା କରାଉଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସେବା ଯୋଗାଇବାରେ ଅବହେଳା କଲେ ଅନ୍ୟ ରୋଗୀମାନେ ସମସ୍ୟାର ସମ୍ମୁଖୀନ ହୋଇ ପାରନ୍ତି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଘଟଣାକୁ ନେଇ ସିଡିଏମ୍‌ଓ ମଳୟ କୁମାର ତ୍ରିପାଠୀଙ୍କୁ ପଚାରିବାରୁ ଡାକ୍ତରୀ ଟିମ୍ ନିୟମିତ ଗାଁକୁ ଯାଇ ଲୋକଙ୍କୁ ସଚେତନ ଓ ସ୍ୱାସ୍ଥ୍ୟ ପରିକ୍ଷା କରାଉଛନ୍ତି। ଆଶା ଓ ସ୍ୱାସ୍ଥ୍ୟ କର୍ମୀଙ୍କ ପାଖରେ ମ୍ୟାଲେରିଆ କିଟ୍ ରହିଛି। ସେମାନେ ମଧ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ଶୁକ୍ରବାର ଡାକ୍ତର ଗାଁକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଯାଞ୍ଚ କରିବେ। କେହି ଯଦି ଝଡ଼ାଫୁଙ୍କା ଓ ପୂଜାପାଠ କରାଉଥିବେ ସେ ନେଇ କୌଣସି ସୂଚନା ନାହିଁ।

# କଣ୍ଟାଗାଁ ବଳାତ୍କାର, ହତ୍ୟା ଘଟଣାରେ ପୀଡ଼ିତାଙ୍କ ପରିବାରକୁ ସହାୟତା

ନବରଙ୍ଗପୁର, ୨୬।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ କଣ୍ଟାଗାଁରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା କରାଯାଇଥିଲା। ଗୁରୁବାର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମୃତ ପୀଡ଼ିତାଙ୍କ ପରିବାରକୁ ୨ ଲକ୍ଷ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ନାବାଳିକା ଜଣଙ୍କ ଘରୁ ତାରିଖରେ ଘରୁ ଶୌଚହେବାକୁ ବାହାରିଥିଲେ। ପରେ ତାଙ୍କ ମୃତଦେହ

**କଣ୍ଟାଗାଁ ବଳାତ୍କାର, ହତ୍ୟା ଘଟଣାରେ ପୀଡ଼ିତାଙ୍କ ପରିବାରକୁ ସହାୟତା**

କଣ୍ଟାଗାଁ ନିକଟ ଏକ ଟାୱାର ପାଖରୁ ମିଳିଥିଲା। ଏହାକୁ ନେଇ ତେନ୍ତୁଳିଖୁଣ୍ଟି ଥାନାରେ ୧୭ ତାରିଖରେ ଅଭିଯୋଗ ହୋଇଥିଲା। ପୋଲିସ ୨୨୨/୨୪ରେ ଏକ ମାମଲା ରୁଜୁ କରିଥିଲା। ପୋଲିସ ଏହି ଘଟଣାରେ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ୧୦ ଦଫା ଦାବିରେ ନର୍ସିଂ ଅଫିସରଙ୍କ ଧାରଣା

ନବରଙ୍ଗପୁର, ୨୬।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟବନ୍ଦ କରି ଧାରଣା ଦେଉଛନ୍ତି ସମସ୍ତ ନର୍ସିଂ ଅଫିସର। ବୁଧବାରଠାରୁ ଏହି ଧାରଣା ଆରମ୍ଭ ହୋଇଛି। ନର୍ସିଂ ଅଫିସରଙ୍କ ଡ୍ରେସ୍ କୋଡ୍ ପରିବର୍ତ୍ତନ, କେବିକେ ଆଲାଉନ୍ସ ପ୍ରଦାନ, ନିୟମିତ ହେଇ ନ ଥିବା ନର୍ସିଂ ଅଫିସରଙ୍କୁ ତୁରନ୍ତ ନିୟମିତ କରିବା ଭଳି ୧୦ ଦଫା ଦାବି ରହିଛି। କେବଳ ଆଇସିୟୁ, ଏସ୍ଏନ୍‌ସିୟୁ, ଲେବର ରୁମ୍ ଏବଂ ଓଟିକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଭାଗରେ କାର୍ଯ୍ୟବନ୍ଦ କରିଛନ୍ତି। ୨ ଦିନ ଭିତରେ ସରକାର ନର୍ସିଂ ଅଫିସରଙ୍କ ଦାବି ପୂରଣ ନ କଲେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ ବନ୍ଦ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସଭାପତି ଇତିଶ୍ରୀ ନାୟକ, ସମ୍ପାଦକ ସୁମିତ ଭତରାଙ୍କ ସହ ଅଶୋକ ଦୀପ, ଗଗନ ମୁରଲୀ, ପାର୍ଥ ବେହେରା ଓ ଶତାଧିକ ନର୍ସିଂ ଅଫିସର ଏହି ଧାରଣାରେ ସାମିଲ ହୋଇଛନ୍ତି।



ଧାରଣାରେ ସାମିଲ ହୋଇଥିବା ନର୍ସିଂ କର୍ମଚାରୀ।

# ଜାଲ୍ ଜନଜାତି ଜମିପଟ୍ଟା ରଦ୍ଦ ନେଇ ଦାବିପତ୍ର

ଡାବୁଗାଁ, ୨୬।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଭାରତୀୟ ଭତରା ବିକାଶ ପରିଷଦ ପକ୍ଷରୁ ଡାବୁଗାଁ ତହସିଲଦାର ହରିଓମ ଭୋଇଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜାଲ୍ ଜନଜାତି ଜମିପଟ୍ଟା ରଦ୍ଦକରିବାକୁ ଏଥିରେ ଉଲ୍ଲେଖ ରହିଛି। କୋରାପୁଟ ଜିଲା ଜୟପୁର ସହରର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟ ବ୍ୟକ୍ତି ଏବେ ଡାବୁଗାଁ ନିବାସୀ ଚମ୍ପା ସଉରା, ସ୍ୱାମୀ–ବୁଦ୍ଧୁରୁ ସଉରାଙ୍କଠାରୁ ଜମି କିଣି ରେଜିଷ୍ଟ୍ରେଶନ ନିମନ୍ତେ ଡାବୁଗାଁ ତହସିଲଦାରଙ୍କ ନିକଟରେ ଆବେଦନ କରିଛନ୍ତି। କ୍ରେତା ପ୍ରକୃତରେ ଡମ୍ବ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ହୋଇଥିବା ସତ୍ତ୍ୱେ ଆଦିବାସୀ ସମ୍ପ୍ରଦାୟର । ଜମିକୁ କ୍ରୟ ନିମନ୍ତେ ଡାବୁଗାଁ ତହସିଲଦାରଙ୍କ ଦ୍ୱାରା ଆଦେଶନାମା



ତହସିଲଦାର ହରିଓମ ଭୋଇ ଦାବିପତ୍ର ଗ୍ରହଣ କରୁଛନ୍ତି।

କିପରି ଜାରି କରାଗଲା ବୋଲି ପରିଷଦ ସଦସ୍ୟମାନେ ପ୍ରଶ୍ନ କରିଛନ୍ତି। ଉକ୍ତ ଜମିର କ୍ରେତାଙ୍କ ନାମରେ ହେଉଥିବା ପଟ୍ଟାକୁ ରଦ୍ଦ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଅଖିଳ ଭାରତୀୟ ଭତରା ବିକାଶ ପରିଷଦର ଡାବୁଗାଁ ବ୍ଲକ ସଭାପତି ମୋହନ ନାୟକ, ହିରଣ୍ୟ ମାଝି, ଧନସିଂ ଭତ୍ରା, ରମେଶ ମାଝି, ଦୟାନିଧି ଭତ୍ରା, ରାମକୁମାର ଗଣ୍ଡ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ଦେଶୀମଦ, ମହୁଲ ପୋଚ ଜବତ: ଜଣେ ଗିରଫ

ଉମରକୋଟ, ୨୬।୯ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ଅବକାରୀ ବିଭାଗ ଗଇଧଡି ଓ ଉମରକୋଟ ସହରର ଡଙ୍ଗରି ସାହିରେ ଚଢ଼ାଉକରି ୩ ହଜାର ଲିଟର ମହୁଲ ପୋଚ ଓ ୨୬୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଅବକାରୀ ବିଭାଗ ଜଣଙ୍କୁ ଗିରଫ କରିଛି। ଚଢ଼ାଉରେ ଅବକାରୀ ନିରୀକ୍ଷକ ରଞ୍ଜୁଲତା ବାରିକ, ଉପନିରୀକ୍ଷକ ଅଜୟ କୁମାର ନାୟକ, ସୁବାସ ଗୌଡ଼ ଓ ଜ୍ୟୋସ୍ନା ହରିଜନ ପ୍ରମୁଖ ସାମିଲ ଥିଲେ।

### ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ

ଚନ୍ଦାହାଣ୍ଡି, ୨୬।୯ (ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମାଲଗାଁ ମଣ୍ଡଳ ସଭାପତି ମୋହନ ନାୟକଙ୍କ ସଭାପତିତ୍ୱରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମସୁନ୍ଦର ମାଝୀ ମୁଖ୍ୟ ଅତିଥି, ଅନୁସୂଚିତ ଜାତି ମୋର୍ଚ୍ଚା ମାଲକାନଗିରି ଜିଲା ପ୍ରଭାରୀ ଅକାଳୁ ଜାଲି, ଜିଲା କାର୍ଯ୍ୟକାରିଣୀ ସଭ୍ୟ ଭରତ ବାଘ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପଣ୍ଡିତ ଦୀନ୍‌ଦୟାଲଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜିଲା ଯୁବମୋର୍ଚ୍ଚା ଉପସଭାପତି ପ୍ରଭାତ ସୁନା, କେଦାର ପୂଜାରୀ, ଲଚୀନ ବାଘ, ଡମ୍ବରୁ ନାୟକ, ଜରାସନ୍ଧ ଜାଲ, କ୍ଷୀରସିନ୍ଧୁ ପୋଡ଼, ହରିହର ଗୌଡ଼, କଣ୍ଡେଶ୍ୱର ନାୟକଙ୍କ ସହ ପ୍ରତ୍ୟେକ ଶକ୍ତିକେନ୍ଦ୍ର ପ୍ରମୁଖ, ବୁଥ ପ୍ରମୁଖ ଯୋଗ ଦେଇଥିଲେ।

# ମନ୍ତ୍ରୀଙ୍କୁ ଭେଟି ସମସ୍ୟା ଜଣାଇଲା ନବରଙ୍ଗପୁର ଶିକ୍ଷକ, ଶିକ୍ଷା ନିରୀକ୍ଷକ ସଂଘ



ନବରଙ୍ଗପୁର, ୨୬।୯ (ସଦାଶିବ ପ୍ରହରାଜ)

ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ଜିଲା ଶାଖା ସଦସ୍ୟ ୧୫ ଦଫା ଦାବି ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଭେଟିଥିଲେ। ରାଜ୍ୟ ସଂଘ ସହ ସମ୍ପାଦକ ରଞ୍ଜନ କୁମାର ବେହେରା, ନବରଙ୍ଗପୁର ଜିଲା ସଂଘ ଉପଦେଷ୍ଟା ସାଧୁରାମ ଭତରା, ଉପସଭାପତି ହରପ୍ରସାଦ ମିଶ୍ର, ସପନ ହାଲ୍‌ଦାର, ଅଡିଟର ସନ୍ତୋଷ ଦାସ, କାର୍ଯ୍ୟକାରୀ ସମ୍ପାଦକ ବିଶ୍ୱଜିତ୍ ମହାରଣା, ଅବନି ମଜୁମଦାର, ମହିଳା ସଭ୍ୟା ଅନୁ ଗୋଲଦାର, ମନୋଜ ମିଶ୍ର ପ୍ରମୁଖ ଶିକ୍ଷକ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଲିମେଣ୍ଟାରି କ୍ୟାଡର ସୃଷ୍ଟି, ବିଭାଗରେ କାର୍ଯ୍ୟରତ ବିଭିନ୍ନ ବର୍ଗର ଶିକ୍ଷକଙ୍କ ଦରମାଗତ ଅସଙ୍ଗତି, ମେସ୍ ଦାୟିତ୍ୱରୁ ଶିକ୍ଷକମାନଙ୍କୁ ବିରତି, ଗଣଶିକ୍ଷା ବିଭାଗ ଭଳି ଶିକ୍ଷା ନିରୀକ୍ଷକ ପଦବୀ ଏବଂ ଏଥି ସମ୍ବନ୍ଧିତ ଅନ୍ୟ ପଦବୀ ସୃଷ୍ଟି, ଅଧିକ ଶିକ୍ଷକ ପଦବୀ ସୃଷ୍ଟି, ପୋର୍ଟାଲ ଜରିଆରେ ବଦଳି ଆବେଦନ, ନିୟମିତ ହୋଇଥିବା କଣ୍ଟ୍ରାକ୍ଚୁଆଲ ଶିକ୍ଷକଙ୍କ ଏସ୍ଓପି ଲାଗୁ, କ୍ରୀଡ଼ା ଶିକ୍ଷକମାନଙ୍କ ୨୮୦୦ ମୂଳ ଦରମା, ହିନ୍ଦୀ ସଂସ୍କୃତ ଶିକ୍ଷକଙ୍କର ଦରମାଗତ ତାରତମ୍ୟ ଦୂର, ୨୦୦୬ରୁ କାର୍ଯ୍ୟରତ କଣ୍ଟ୍ରାକ୍ଚୁଆଲ ଶିକ୍ଷକଙ୍କୁ ରେଗୁଲାର, ଟିଜିଟି ଶିକ୍ଷକଙ୍କ ଗ୍ରେଡେଶନ କରି କ୍ଲାସ୍ ୩ ପଦବୀ ଦେବା, ୨୦୨୨ରୁ ଶିକ୍ଷକଙ୍କ ଏମ୍ଏସିପି ଜିଲା କାର୍ଯ୍ୟାଳୟରେ ପଡ଼ି ରହିବା କଥା ଜଣାଇଛନ୍ତି। ସମସ୍ତ ସମସ୍ୟା ସମ୍ପର୍କରେ ଆଲୋଚନାକରି ଅଳ୍ପଦିନରେ ସମାଧାନ କରାଯିବା ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନା ସମୟରେ ବିଭାସ ମହାପାତ୍ର, ସରୋଜ ପାଣି, ମହେଶ ଗଣ୍ଡ, ଦିବ୍ୟରଞ୍ଜନ ସାହୁ, ସୂର୍ଯ୍ୟକୁମାର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଡ଼ାଗଡ଼ ସଂରକ୍ଷିତ ଜଙ୍ଗଲରେ ଚିଡ଼ିଆଖାନା ସ୍ଥାପନ ଦାବି

ନବରଙ୍ଗପୁର, ୨୬।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ପୋଡ଼ାଗଡ଼ ସଂରକ୍ଷିତ ଜଙ୍ଗଲ ସୁରକ୍ଷା ପାଇଁ ଜିଲାପାଳଙ୍କୁ ବନ ସୁରକ୍ଷା ସମିତି ପକ୍ଷରୁ ୫ ଦଫା ଦାବି ଜଣାଯାଇଛି। ଉମରକୋଟ, ରାଇଘର ଓ ଝରିଗାଁ ତହସିଲର ଭୁବନ୍ଦବସ୍ତ, ପୋଡ଼ାଗଡ଼ ସଂରକ୍ଷିତ ଜଙ୍ଗଲରେ ସ୍ୱତନ୍ତ୍ର ଜମିରେ ଜଙ୍ଗଲ ସୃଷ୍ଟି ଦାବି ହୋଇଛି। ଏଠାରେ ଚାରାରୋପଣ ସ୍ଥାନ ଚିହ୍ନଟ କରାଯାଇ ପୁନର୍ବାର ଜଙ୍ଗଲ ସୃଷ୍ଟି କରିବାକୁ ଦାବି ହୋଇଛି। ଜଣକୁ ମାତ୍ର ୨ ଏକର ଜମି ପ୍ରଦାନ କରି ବଳକା ଜମିରେ ଚାରାରୋପଣ କରିବାକୁ ଦାବି ହୋଇଛି। ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବା ଲାଗି ଚାରାରୋପଣ ସହ ସବୁଜିମା ସୃଷ୍ଟି, ଗାଇଝରି ଭାଲୁମରା



ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିବା ଅଞ୍ଚଳବାସୀ।

ନାଳ ଓ ପାଲକା ଆମାକୁ ସଂଯୋଗକରି ଡ୍ୟାମ୍ ନିର୍ମାଣ ଦାବି କରାଯାଇଛି। ମେଗା ପ୍ରକଳ୍ପ ନିର୍ମାଣ କରାଗଲେ ୧୦ ପଞ୍ଚାୟତ ଚାଷଜମି ଜଳସେଚିତ ହୋଇପାରିବ ବୋଲି ବନ ସୁରକ୍ଷା ସମିତି ପକ୍ଷରୁ କୁହାଯାଇଛି। ପୋଡ଼ାଗଡ଼ ସଂରକ୍ଷିତ ଜଙ୍ଗଲର ଆୟତନ ୧୭, ୭୮୦୬୦ ଡିସିମିଲ ରହିଛି। କେତେଜଣ ବ୍ୟକ୍ତି ପୋଡୁଚାଷ କରି ଜଙ୍ଗଲ ନଷ୍ଟ କରୁଛନ୍ତି। ଜଣେ ଜଙ୍ଗଲ ଜମିକୁ ଲୋକଙ୍କ ନାମରେ କରାଇଦେବେ କହି ଟଙ୍କା ଆଦାୟ କରୁଛନ୍ତି। ଜଙ୍ଗଲ ଶତ୍ରୁଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଏଥିସହ ଐତିହାସିକ ପାହାଡ଼କୁ ସରକାରଙ୍କ ପକ୍ଷରୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା, ଜଳ, ଜଙ୍ଗଲ, ଜମିର ସୁରକ୍ଷା ସହ ଛୋଟ ଚିଡ଼ିଆଖାନା କରିବାକୁ ଦାବି ହୋଇଛି। ମହୁଲ ବନ ସୁରକ୍ଷା ସମିତିର ଗୋପାଳ ପୂଜାରୀ, ବଡ଼କୁମାରୀ, ବଡ଼ଭରଣ୍ଡୀ, ହୀରାପୁର, ଭଣ୍ଡାରିଗୁଡ଼ା, ରାଜପୁର, ନେହୁରା, ଜାମଗୁଣ୍ଡା ସରପଞ୍ଚ, ପୋଡ଼ାଗଡ଼ ସଭାପତି ଉଦ୍ଧବ ଚରଣ ନାୟକ, ଉମରକୋଟ ବ୍ଲକ ଅଧ୍ୟକ୍ଷାଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ୪ ମାସ ତିଷ୍ଠିଲାନି କଂକ୍ରିଟ ରାସ୍ତା

ନବରଙ୍ଗପୁର, ୨୬।୯ (ସଦାଶିବ ପ୍ରହରାଜ)

**ନିମ୍ନମାନର କାମ ଅଭିଯୋଗ**

- ରାସ୍ତାରୁ ଉଠିଗଲା ସିମେଣ୍ଟ, ସ୍ଥାନେ ସ୍ଥାନେ ଗାତ
- ଭିଜିଲାନ୍ସ ତଦନ୍ତ ସହ ଠିକାଦର, ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଗାଁକୁ ଗାଁ ଯୋଡ଼ିବାର ଓ ଗାଁରୁ ସହରକୁ ନିକଟତର କରିବା ଉଦ୍ଦେଶ୍ୟ ନେଇ ତିଆରି ହୋଇଥିଲା ରାସ୍ତା। କିନ୍ତୁ ୪ ମାସ ତିଷ୍ଠିପାରିଲା ନାହିଁ ରାସ୍ତା। ଚିପ୍ସ, କଂକ୍ରିଟ ବାହାରି ରାସ୍ତା ପାଲଟିଲା ମରଣଯନ୍ତା। ଗାଁ ଠାରୁ ସହର ବଦଳରେ ଠିକାଦାର ଓ ଯନ୍ତ୍ରୀଙ୍କୁ ଯୋଡିବା ସହ ନିକଟତର କରିବାରେ ଏହା ସାହାଯ୍ୟ କରିଥିବା ଅଭିଯୋଗ ହୋଇଛି। ସିମେଣ୍ଟ କଂକ୍ରିଟ ରାସ୍ତାର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇ ମାଟି ରାସ୍ତାର ଭ୍ରମ ସୃଷ୍ଟି କରୁଛି, ଯାହାକୁ ନେଇ ସ୍ଥାନୀୟ ବାସିନ୍ଦା ଉତ୍ତ୍ୟକ୍ତ ହୋଇଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏପରି ନ ହେଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଧମକ ଦେଇଛନ୍ତି। ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ କଣ୍ଟାମାଳ ପଞ୍ଚାୟତ କାମରାହାଣ୍ଡି ଗ୍ରାମର ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ନିମ୍ନମାନର ସହ ଏଥିରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ୪ ମାସ ତଳେ କାମରାହାଣ୍ଡି ଗ୍ରାମରୁ ନଦୀକୁ ସଂଯୋଗକରି ଆଇଟିଡିଏ ବିଭାଗ ପକ୍ଷରୁ ଏକ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ କାମ ଏତେ ନିମ୍ନମାନର ହୋଇଥିଲା ଯେ ମାତ୍ର ୪ ମାସ ମଧ୍ୟରେ ସିମେଣ୍ଟ କଂକ୍ରିଟ୍ ଉଠିସାରିଲାଣି। ଅନେକ ସ୍ଥାନରେ ରାସ୍ତା ଦବିଯାଇଛି। କେତେକ ଜାଗାରେ ପ୍ରାୟ ୨ ଫୁଟର ଗାତ। ଏହା ନୂତନ ନିର୍ମିତ ରାସ୍ତା ନା ମାଟି ରାସ୍ତା ତାହା ଚିହ୍ନିବା କଷ୍ଟ। କାମ ତିଆରିବେଳେ ସୂଚନା ଫଳକ ଲାଗିବା ନିୟମ ଥିବାବେଳେ ଏଠାରେ କିନ୍ତୁ ତାହା ଲଗାଯାଇ ନ ଥିଲା। କୌଣସି ଅଧିକାରୀ କେବେ କାମ ତଦାରଖ କରିବାକୁ ଆସି ନ ଥିଲେ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ଖାଲରେ ପଡ଼ି କେତେକ ଗାଡ଼ି ଦୁର୍ଘଟଣାର ଶିକାର ମଧ ହୋଇଛନ୍ତି। କାମ କରିଥିବା ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ପରି ନ ହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ବୀଣା ମାଝୀ, ସାନ ମାଝୀ, ଧନସିଂହ କୁମାର, ନରସିଂହ ମାଝୀ, ମଙ୍ଗରୁ ମାଝୀ, ଧୀରାଜ ମାଝୀ, ସମ୍ବାରୁ ମାଝୀ, ସେବକ ମାଝୀ, ଅମର ମାଝୀ, ମନ୍ତ୍ରା ମାଝୀ, ରାମବତୀ, କନକ ମାଝୀ, ଫୁଲଧର ପୂଜାରୀ, ଘାସି କୁମାର, ବଳରାମ କୁମାର ପ୍ରମୁଖ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଆଇଟିଡିଏ ସହକାରୀ ଯନ୍ତ୍ରୀ ଜୟ କୁର୍ବାନ ତିର୍କୀଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବେ। ଏହାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



କାମରାହାଣ୍ଡି ଗାଁ ରାସ୍ତା।

# 'ନାବାଳିକା ବଳାତ୍କାର, ହତ୍ୟା ଅଭିଯୁକ୍ତଙ୍କୁ ଫାଶୀ ଦିଅ'

**ଜନଜାତି ସୁରକ୍ଷା ମଞ୍ଚର ଖବରଦାତା ସମ୍ମିଳନୀ**

**ଜିଲାଭିତ୍ତିକ ନିଯୁକ୍ତି ନ କଲେ ଆମରଣ ଅନଶନ ଚେତାବନୀ**

ନବରଙ୍ଗପୁର, ୨୬।୯ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ କଣ୍ଟାଗାଁ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦିଆଯାଉ ବୋଲି ଜିଲା ଜନଜାତି ସୁରକ୍ଷା ମଞ୍ଚ ନବରଙ୍ଗପୁରସ୍ଥିତ ଭତରା ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରିଛି। ପୀଡ଼ିତାଙ୍କ ପରିବାରକୁ ସରକାରୀ ପ୍ରବଧାନ ଅନୁଯାୟୀ କ୍ଷତିପୂରଣ, ଡ୍ରପ୍‌ଆଉଟ ହୋଇ ରହିଥିବା ଝିଅଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ସହ ପାଠପଢ଼ା ପ୍ରତି ପ୍ରଶାସନ ଗୁରୁତ୍ୱ ଦିଅନ୍ତୁ ବୋଲି ସଭାପତି ଗୋପୀନାଥ ମାଝୀ କହିଛନ୍ତି। ଗରିବ ଓ ଭୂମିହୀନ ପରିବାରଙ୍କୁ ଜମି ଯୋଗାଇଦେବାକୁ ଦାବି କହିଛନ୍ତି। ପ୍ରଶାସନ କଣ୍ଟାଗାଁ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ସହିତ ସଚେତନ କରନ୍ତୁ ବୋଲି ସଭାପତି ମାଝୀ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଜନଜାତି ସୁରକ୍ଷା ମଞ୍ଚ ସଦସ୍ୟମାନେ।

ନବରଙ୍ଗପୁର ଜିଲା ପଞ୍ଚମ ଅନୁସୂଚିତ ଅଞ୍ଚଳ। ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତି ଜିଲାଭିତ୍ତିକ କରିବା ନେଇ ଦାବି କରାଯାଇଛି। ଜିଲାଭିତ୍ତିକ ନିଯୁକ୍ତି ନ ହେବାରୁ ଜିଲାର ଶିକ୍ଷିତ ଯୁବତୀଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଅନୁନ୍ନତ ଜିଲାର ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କୁ ଚାକିରି ସୁଯୋଗ ଲକ୍ଷ୍ୟରେ କୋଚିଂ ଦିଆଯାଉଥିଲା। ଏବେ ଆଉ ଏହି କୋଚିଂ ଦିଆଯାଉନାହିଁ। ଜିଲାରେ ଫାର୍ମାସିଷ୍ଟ, ପିଜି, ବିଏଡ୍, ନର୍ସିଂ, ସିଟି ଓ ଆଇଟିଆଇ ଆଦି ପଢି ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ଜିଲାଭିତ୍ତିକ ନିଯୁକ୍ତି ବ୍ୟବସ୍ଥା ନ କଲେ ବାହାର ଜିଲା ପିଲାଙ୍କୁ ଜଏନ କରାଇ ଦିଆଯିବ ନାହିଁ। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ସରକାର ଦାୟୀ ରହିବେ ବୋଲି ଦକ୍ଷିଣ ଓଡ଼ିଶା ଆଦିବାସୀ ମହାସଂଘ ସଭାପତି ଅର୍ଜୁନ ଭତରା କହିଛନ୍ତି। ଭାଷାଗତ ସମସ୍ୟା ଯୋଗୁ ଏଠାକାର ପିଲା ପଢିବା ଓ ପାଠ ବୁଝିବାରେ ସମସ୍ୟା ଭୋଗୁଛନ୍ତି। ଭାଷାଗତ ସମସ୍ୟା ନ ହେବ ବୋଲି ସରକାର କେତେଜଣ ଶିକ୍ଷକଙ୍କୁ ତାଲିମ ଦେଉଛନ୍ତି। ତାହା ଯଥେଷ୍ଟ ନୁହେଁ। ଜିଲାଭିତ୍ତିକ ନିଯୁକ୍ତିକଲେ ସ୍କୁଲରେ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ସରଳତା ଓ ଉନ୍ନତି ଆସିବ। ଭାଷାଗତ ସମସ୍ୟା ରହିବ ନାହିଁ ବୋଲି ଉପସଭାପତି ରତନ ମାଝୀ କହିଛନ୍ତି। ଏପରି ନ ହେଲେ ଆମରଣ ଅନଶନ କରିବାକୁ ପଛେଇବୁ ନାହିଁ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ପରଜା ସମାଜ ସଭାପତି ବୁଦ୍ଧୁ ଜାନୀ, ଜନଜାତି ସୁରକ୍ଷା ମଞ୍ଚ ଜିତୁ ଜାନୀ, ନବରଙ୍ଗପୁର ବ୍ଲକ୍ ସଭାପତି ଗୁରୁବନ୍ଧୁ ଗଦବା ପ୍ରମୁଖ ଉପସ୍ଥିତ ଥିଲେ।

